ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.275 Bhubaneswar Thursday, December 23, 2021 ୨୪ତମ ବର୍ଷ ସଂଖ୍ୟା-୨୭୫ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ଦେଶରେ ପ୍ରଥମ: ଅମିତ ଶାହ ଓ ସୋନିଆ ଗାନ୍ଧିଙ୍କୁ ସୁରକ୍ଷା ଦେବେ ମହିଳା କମାଣ୍ଡୋ

ନୂଆଦିଲ୍ଲୀ, ୨୧।୧୨(ପି.ଏନ): ଦେଶର ଇତିହାସରେ ପ୍ରଥମଥର ପାଇଁ ଭିଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରେ ସାମିଲ ହେବେ ମହିଳା କମାଣ୍ଡୋ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧି ଓ ତାଙ୍କ ଝିଅ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ଭଳି ଭିଭିଆଇପିଙ୍କ ସୁରକ୍ଷା କାମରେ ସିଆରପିଏଫର ମହିଳା କମାଣ୍ଡୋଙ୍କୁ ନିୟୋଜିତ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।ପ୍ରଥମଥର ପାଇଁ ସେମାନଙ୍କ ସୁରକ୍ଷା କାମରେ ମହିଳା କମାଣ୍ଡୋ ନିୟୋଜିତ ହେବାକୁ ଯାଉଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ୩୨ ଜଣ ମହିଳା କମାଣ୍ଡୋ ଭିଭିଆଇପିଙ୍କ ସୁରକ୍ଷାରେ ନିୟୋଜିତ ସିଆରପିଏଫ୍? ଡ୍ୟୁଟିରେ ସାମିଲ ହେବେ। ଭିଭିଆଇପିଙ୍କ ବାସଭବନର ସୁରକ୍ଷା ଦାୟିତ୍ୱରେ ମହିଳା କମାଣ୍ଡୋ ରହିବେ।"ତାଙ୍କ ସୂଚନା ଅନୁଯାୟୀ, କିଛି ମହିଳା କମାଣ୍ଡୋ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଘରର ସୁରକ୍ଷା କାମରେ ସାମିଲ ହେବେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପତ୍ନୀ ଗୁରଶରନ କୌର ମଧ୍ୟ ସିଆରପିଏଫର ସୁରକ୍ଷା ବଳୟରେ ରହୁଛନ୍ତି। ତେଣୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ମଧ୍ୟ ମହିଳା କମାଣ୍ଡୋ ନିୟୋଜିତ ହୋଇପାରନ୍ତି।ଭିଭିଆଇପିଙ୍କ ସୁରକ୍ଷା ପ୍ରଦାନ ପୂର୍ବରୁ ମହିଳା କମାଣ୍ଡୋଙ୍କୁ ୧୦ ସପ୍ତାହର ଟ୍ରେନିଂ ଦିଆଯାଇଛି। ଏହି ସମୟରେ ବିନା ଅସ୍ତ୍ରରେ ଲ?ଇ, ଶରୀରର ଯାଞ୍ଚ ଓ ସ୍ୱତନ୍ତ୍ର ଯୁଦ୍ଧାସ୍ତ୍ର ଫାୟାରିଂ ସମ୍ପର୍କରେ ସେମାନେ ତାଲିମ ପାଇଛନ୍ତି। ଏବେ ସେମାନଙ୍କ ଟ୍ରେନିଂ ଶେଷ ହୋଇଛି। ତେଣୁ ସେମାନେ ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ସୁରକ୍ଷା ପ୍ରଦାନ ପାଇଁ ମୈଦାନକୁ ଓହ୍ଲାଇବେ।ଜେଡ ପ୍ଲସ ସୁରକ୍ଷା ପାଉଥିବା ରାଜନେତାଙ୍କ କାମରେ ହିଁ ଏହି ମହିଳା କମାଣ୍ଡୋ ରହିବେ। ଏବେ ୫ ଜଣ ରାଜନେତା ଜେଡ ପ୍ଲସ ସୁରକ୍ଷା ପାଉଛନ୍ତି। ସେମାନେ ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଭଦ୍ରା ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ। ଏମାନଙ୍କ ସୁରକ୍ଷା କାମରେ ୫୮ ଜଣ କମାଣ୍ଡୋ ନିୟୋଜିତ ହୋଇଥାଆନ୍ତି।ପ୍ରାଥମିକ ଅବସ୍ଥାରେ ଜେଡ ପ୍ଲସ ସୁରକ୍ଷା ବଳୟରେ ରହୁଥିବା ବ୍ୟକ୍ତିଙ୍କ ଘର ଚାରିପାଖରେ ଏହି ମହିଳା କମାଣ୍ଡୋଙ୍କୁ ମୁତୟନ କରାଯିବ। ଦରକାର ପଡିଲେ ଆସନ୍ତା ବିଧାନସଭା ନିର୍ବାଚନ ବେଳେ ରାଜନେତାମାନଙ୍କ ସହ ସେମାନେ ବିଭିନ୍ନ ସ୍ଥାନକୁ ମଧ୍ୟ ଯାଇପାରିବେ।ମହିଳା କମାଣ୍ଡୋଙ୍କ ସହ ଭିଭିଆଇପିଙ୍କ ସୁରକ୍ଷାରେ ପୂର୍ବଭଳି ପୁରୁଷ କମାଣ୍ଡୋ ମଧ୍ୟ ରହିବେ। ସେମାନଙ୍କ ପାଖରେ ବନ୍ଧୁକ, ବାଲାଷ୍ଟିକ ପ୍ରୋଟେକସନ ଓ ଅନ୍ୟ ସୁରକ୍ଷା ସମ୍ପର୍କିତ ଅସ୍ତ୍ର ରହିବ।

ଗୋଟିଏ ଦିନରେ ୧୮୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୮୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୩୩୪୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୦୪୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୦୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୮୩ ୟଜଣଙ୍କ ମଧ୍ୟରୁ ୧୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୯୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩,ବାଲେଶ୍ୱର ଜିଲ୍ଲାରୁ ୨ ଓ ବରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ରାୟଗଡ଼ା ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୬ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜଧାନୀରେ ଆଉ ୪ଟି ଫ୍ଲାଟ୍ କଣ୍ଟେନମେଣ୍ଟ ଜୋନ୍

ଭୁବନେଶ୍ୱର (ଓଡିଶା ରିପୋର୍ଟର): ଭୁବନେଶ୍ୱରରେ ଆଉ ଏକ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଡୁମଡୁମାର କସମୋପଲିସ ଆପାର୍ଟମେଣ୍ଟର ୪ଟି ଫ୍ଲାଟକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି । ଏହି ୪ଟି ଫ୍ଲାଟରୁ ୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଯେଉଁ କାରଣରୁ ବିଏମସି ବଡ ପଦକ୍ଷେପ ସ୍ୱରୂପ ଏହି ୪ଟି ଫ୍ଲାଟକୁ କଣ୍ଟେନମେଣ୍ଟ ଘୋଷଣା କରିଛି । ଗତକାଲି ରାଜଧାନୀର ୨ଟି ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା ।ଆଜି କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଥିବା ଫ୍ଲାଟ୍ ଗୁଡିକ ହେଲା ଜି-୧୩୨, ଜି-୧୫୧, ଜି-୧୧୨ ଓ ଜି-୧୪୨ । କଣ୍ଟେନମେଣ୍ଟ୍ ଜୋନ୍ ଘୋଷଣା ହୋଇଥିବା ଏହି ଫ୍ଲାଟ୍ ଗୁଡିକରେ କେହି ପ୍ରବେଶ କରିପାରିବେ ନାହିଁ କି ସେଠାରେ ରହୁଥିବା କୌଣସି ବ୍ୟକ୍ତି ବାହାରକୁ ଆସି ପାରିବେ ନାହିଁ। କଣ୍ଟେନମେଣ୍ଟ ଜୋନ୍ ଭିତରେ ରହୁଥିବା ଲୋକଙ୍କୁ ବିଏମ୍‌ସି ପକ୍ଷରୁ ସମସ୍ତ ଆବଶ୍ୟକ ସାମଗ୍ରୀ ଓ ଔଷଧ ଆଦି ଯୋଗାଇ ଦିଆଯିବ ।ବିଏମ୍‌ସିର ଦକ୍ଷିଣ- ପଶ୍ଚିମ ଜୋନ୍ ଏନ୍?ଫୋର୍ସମେଣ୍ଟ ଇନ୍ସପେକ୍ଟର ଜେଡ୍. ଆବେଦିନ ଯୋଗାଣ ଦାୟିତ୍ୱରେ ରହିବେ। ସେହିପରି ଡାକ୍ତର ଦୀପ୍ତିମାନ ବେହେରା କଣ୍ଟେନମେଣ୍ଟ ଜୋନ୍ ଭିତରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ବିଏମ୍‌ସି ଅଞ୍ଚଳରେ ୬୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଗତ ୨୪ ଘଣ୍ଟାରେ ବିଏମସିରେ ୯୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

ଧରାପଡିଛି ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ଷଡଯନ୍ତ୍ର : ସୁରଥ ବିଶ୍ୱାଳ

ଭୁବନେଶ୍ୱର, ୨୨।୧୨(ପି.ଏନ): ରାଜ୍ୟ ସରକାରଙ୍କ ଆଉ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଧରାପଡିଲା । ପଂଚାୟତ ନିର୍ବାଚନ ପାଇଁ ପ୍ରକାଶିତ ହୋଇଥିବା ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ରାଜ୍ୟ ସରକାର ପକେଇଥିବା ଛେପକୁ ତୋକିଛନ୍ତି ବୋଲି ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି ।ବିଚାର ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଯେଉଁ ଅଭିଯୋଗ ଅତୀତରେ ବିଜେପି ଏବଂ ଅନ୍ୟ ଜାତିବର୍ଗ ସଂଗଠନମାନେ ବାରମ୍ବାର ଦାବୀ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ତାକୁ ମାନୁନଥିଲେ । ବର୍ତମାନ କୋର୍ଟରେ ତାହା ସ୍ୱୀକାର କରିଛନ୍ତି । ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ ବୋଲି କହୁଥିବା ରାଜ୍ୟ ସରକାର ମାତ୍ର ୧୨ ପ୍ରତିଶତରେ ସୀମିତ ରଖିଥିଲେ । କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, ମୟୂରଭଞ୍ଜ, କେଉଁଝର, ଗଜପତି, ରାୟଗଡା, ଝାରସୁଗୁଡା ଭଳି ୮ଟି ଜିଲ୍ଲାରେ ଓବିସି ବର୍ଗଙ୍କ ପାଇଁ ଆଦୌ ସଂରକ୍ଷଣ ବ୍ୟବସ୍ଥା ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ଦୀର୍ଘ ଦିନ ଧରି ୨୭ ପ୍ରତିଶତ ସଂରକ୍ଷଣରେ ନିର୍ବାଚନ ଲଢୁଥିବା ସଂଖ୍ୟାଧିକ ବର୍ଗକୁ ରାଜ୍ୟ ସରକାର କାହିଁକି ଏଭଳି ପକ୍ଷପାତପୂର୍ଣ୍ଣ ବ୍ୟବହାର କରୁଛନ୍ତି, ତାହା ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଏବଂ ବର୍ତମାନର ନବୀନ ପଟ୍ଟନାୟକ ସରକାର ଦୀର୍ଘ ୪୧ ବର୍ଷ ଧରି ଓବିସି ବର୍ଗକୁ କେବଳ ପ୍ରତାରଣା କରି ଆସୁଛନ୍ତି । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗକୁ ସଂରକ୍ଷଣ ଦେବାର ପ୍ରାବଧାନ ଥିବା ସତ୍ତ୍ୱେ ଓଡିଶା ଏକମାତ୍ର ରାଜ୍ୟ ଯେଉଁଠାରେ ଏହା କାର୍ଯ୍ୟକାରୀ ହେଉନାହିଁ । ବର୍ତମାନ ଉଚ୍ଚ ନ୍ୟାୟାଳୟଙ୍କ କାରଣରୁ ରାଜ୍ୟ ସରକାରଙ୍କ କେବଳ ଗୋଟିଏ ଷଡଯନ୍ତ୍ର ଧରାପଡିଛି । ଆଗକୁ ଶିକ୍ଷା, ନିଯୁକ୍ତି, କର୍ମନିଯୁକ୍ତି ଭଳି ସାମ୍ବିଧାନିକ ଅଧିକାରରୁ ବଂଚିତ କରିଥିବାର ଅନେକ ତଥ୍ୟର ପର୍ଦ୍ଦାଫାଶ ହେବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ରାଜ୍ୟରେ ଓବିସି ଫାଇନାନ୍ସ ଡେଭେଲପମେଂଟ କର୍ପୋରେସନ କାର୍ଯ୍ୟକ୍ଷମ ନଥିବାବେଳେ ବିଳମ୍ବରେ ଗଠିତ ରାଜ୍ୟ ଓବିସି କମିଶନଙ୍କୁ କାହିଁକି ସାମ୍ବିଧାନିକ କ୍ଷମତା ଦିଆଯାଇନାହିଁ ବୋଲି ଶ୍ରୀ ବିଶ୍ୱାଳ ପୁଣି ଥରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଶ୍ରୀ ଦିଲୀପ ମଲ୍ଲିକ ଏବଂ ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ସିଦ୍ଧାର୍ଥ ଶଂକର ପତି ପ୍ରମୁଖ ଉପସ୍ଥିତ ଥିଲେ ।

ଓମିକ୍ରନ ପାଇଁ ସତର୍କ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀ ମାନଙ୍କୁ ଜୀବିକା ପାଇଁ ଏକ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । କୋଭିଡ ସମୟରେ ଗରିବ ଲୋକଙ୍କ ଆର୍ଥିକ ଦୂରାବସ୍ଥାକୁ ଲାଘବ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ସହାୟତା ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ନ ଥିବା କ୍ଷେତ୍ରରେ, ଜାତୀୟ ଖାଦ୍ୟ ସୁରକ୍ଷା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି ସହାୟତା ପାଇପାରିବେ । ସାରା ରାଜ୍ୟର ୯୬ ଲକ୍ଷ ପରିବାର ଏହି ସହାୟତା ପାଇବେ । ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ୯୬୦ କୋଟି ଟଙ୍କା ଖର୍ଚ୍ଚ କରିବେ। ସାତ ଦିନ ମଧ୍ୟରେ ଏହି ସହାୟତା ସମସ୍ତ ହିତାଧିକାରୀ ମାନଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗରିବ ଲୋକଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। କୋଭିଡର ପ୍ରଥମ ଓ ଦ୍ୱିତୀୟ ଲହରୀ ଆମ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା । ଏହା ସେମାନଙ୍କ ଅର୍ଥିକ ଓ ସାମାଜିକ ଜୀବନ ଉପରେ ଗଭୀର ପ୍ରଭାବ ପକାଇଛି । ଗରିବ ଲୋକମାନେ ଏଥିରେ ବହୁତ କ୍ଷତି ସହିଛନ୍ତି । କୋଭିଡର ପ୍ରଭାବ ଏପର୍ଯ୍ୟନ୍ତ ମଧ୍ୟ ଯାଇନାହିଁ। ତେଣୁ ସେମାନଙ୍କର କଷ୍ଟକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏହି ସହାୟତା ଯୋଗାଇ ଦେଉଛନ୍ତି ।ଓମିକ୍ରନ ସଂପର୍କରେ ଲୋକଙ୍କୁ ସତର୍କ କରାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜନସାଧାରଣଙ୍କ ସହଯୋଗରେ କୋଭିଡର ପ୍ରଥମ ଓ ଦ୍ୱିତୀୟ ଲହରୀକୁ ଓଡିଶା ସଫଳ ଭାବରେ ମୁକାବିଲା କରିପାରିଛି । ବର୍ତ୍ତମାନ କୋଭିଡର ନୂଆ ଭାରିଏଂଟଓମିକ୍ରନ ତାର କାୟା ବିସ୍ତାର କରୁଛି । ତେଣୁ ଜନସାଧାରଣ ସତର୍କ ରହି କୋଭିଡ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ଅତି ଆବଶ୍ୟକ ନ ହେଲେ ଭିଡକୁ ନ ଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ କୋଭିଡ ପରିଚାଳନାରେ ଓଡିଶା ଦେଶର ମଡେଲ ହୋଇପାରିଛି। ବିଏସକେୱାଇ ଯୋଜନାର ଉଦାହରଣ ଦେଇ ସେ କହିଲେ ଯେ ଦେଶର ଅନ୍ୟ କୌଣସି ରାଜ୍ୟରେ ଜନସାଧାରଣଙ୍କୁ ଏତେ ବ୍ୟାପକ ଭାବରେ ସ୍ୱାସ୍ଥ୍ୟସେବା ଯୋଜନାରେ ସାମିଲ କରାଯାଇପାରି ନାହିଁ । ପ୍ରଶାସନରେ ୫-ଟିର ପ୍ରୟୋଗ ଯୋଗୁ ସରକାରଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରୁଛି ବୋଲି ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀ ଓ ବିଧାୟକଗଣ, ୩୧୪ ବ୍ଲକ୍‌ର ହିତାଧିକାରୀ ମାନଙ୍କ ସହ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଖାଦ୍ୟ ଉତ୍ପାଦନ କମିଶନର ଶ୍ରୀ ଆଁ.କେ. ଶର୍ମା ପ୍ରମୁଖ ଯୋଗ ଦେଇଥିଲେ ।

ଗୋଶାଳା ନାମରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକ, କଲେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ନୀଳଗିରି ୨୨।୧୨(ପି.ଏନ): ନୀଳଗିରି ଅଞ୍ଚଳରେ ଏକ ଗୋଶାଳା କାଗଜ କଲମରେ ଚାଲିଛି। ନା ଅଛି ଭିତ୍ତିଭୂମି ନା କରାଯାଉଛି ଗୋସେବା। ବେଆଇନ ଚାଲାଣ ହେଉଥିବା ଗୋରୁ ଧରିବା ପରେ ଗୋଶାଳାରେ ରଖିବା ପରେ ଗୋରୁ କୁଆଡେ ଯାଉଛନ୍ତି ପତ୍ତା ନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ। ନୀଳଗିରି ଥାନା ଅଧିନ ଧୋବଶିଳା ଅଂଚଳରେ ମା ଭାରତୀ

ଟି ଟାଇମ୍

ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ

ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମରୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସତ୍ୟ ସତ କଥା କହିଲା । ଅଜ୍ଞାତବସତ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦାନ୍ତରେ ଟାଟୁ

ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ



'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ

ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ନାହିଁ। ଏକ ଗବେଷଣାରୁ ଜଣାଯାଇଛି ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ରୋଗରେ ଗୋଡ଼ ଅକାମି ହୋଇଗଲା ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ। ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଠିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼

ବଗଡା ପଞ୍ଚାୟତର ମିଶନଶକ୍ତି ଗୃହ ସଂରକ୍ଷିତ ଜମିକୁ ଜବରଦଖଲ ମୁକ୍ତ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମପଞ୍ଚାୟତର ପ୍ରସ୍ତାବିତ ମିଶନ ଶକ୍ତି ଗୃହ ନିମନ୍ତେ ସଂରକ୍ଷିତ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରାଯିବା ପାଇଁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ମହିଳା ମଣ୍ଡଳ ଗୁଡିକର ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାଇ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ବଗଡା ମୌଜାର ଖାତା ନଂ ୧୪୪୮ ପ୍ଲଟ ନମ୍ବର ୨୯୭୪ ଜମିଟି ମିଶନ ଶକ୍ତି ଗୃହପାଇଁ ସଂରକ୍ଷିତ ଥିବାବେଳେ ସଂପୃକ୍ତ ଜମିକୁ ସେହି ଗ୍ରାମର ପ୍ରମୋଦ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଅବରୋଧ କରି ରଖିଥିବାରୁ ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲେବି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁନଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବଗଡା ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକ ପକ୍ଷରୁ କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ହେବାପରେ ସେ ଗତ ତା.୧୭.୦୮.୨୦୨୧ ଏବଂ ଗତ ତା.୨୧.୦୯.୨୦୨୧ରିଖରେ କେନ୍ଦ୍ରାପଡା ତହସିଲଦାରଙ୍କୁ ୨ଟି ପତ୍ର ଲେଖି ସମ୍ପୃକ୍ତ ସଂରକ୍ଷିତ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଏବଂ ସମ୍ପୃକ୍ତ ଜମିର ଚତୁର୍ପାର୍ଶ୍ୱ ସୀମା ନିର୍ଦ୍ଧାରଣ କରିବାକୁ ଜଣାଇଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବଗଡା ସର୍କଲର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ଜମିକୁ ପ୍ରମୋଦ କୁମାର ସାହୁ ନାମକ ବ୍ୟକ୍ତି ଅବରୋଧ କରିଥିବା ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏ ସମ୍ପର୍କରେ ମହିଳାମାନେ ଜିଲ୍ଲାପାଳଙ୍କୁ ମଧ୍ୟ ପୂର୍ବରୁ ଅଭିଯୋଗ କରିଥିଲେ। ସେହି ଜମିଟି ଜବରଦଖଲ ମୁକ୍ତ ନହେବାରୁ ଏବେ କେନ୍ଦ୍ରାପଡା ବିଡିଓ ମିଶନଶକ୍ତି ଗୃହ ନିର୍ମାଣ ପାଇଁ ତୁଣ୍ଡୁପୁର- ସଖୀବଟ ରାସ୍ତାର 'ଆମ ଗାଁ ଆମ ବିକାଶ' ଘର ଉପରେ ମିଶନଶକ୍ତି ଗୃହ ନିର୍ମାଣ କରିବାକୁ କାର୍ଯ୍ୟାଦ୍ଦେଶ ପ୍ରଦାନ କରିଛନ୍ତି। ସେହି ସ୍ଥାନଟି ଗ୍ରାମର ମଧ୍ୟସ୍ଥଳ ହୋଇନଥିବାରୁ ମହିଳାମାନଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ସେହି ସଂରକ୍ଷିତ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରାଯାଇ ପଞ୍ଚାୟତ ମିଶନ ଶକ୍ତି ଗୃହପାଇଁ ମଞ୍ଜୁର ହୋଇଥିବା ଅନୁଦାନରେ ଗୃହ ନିର୍ମାଣ ଆରମ୍ଭ କରାଯିବାକୁ ରିତାଞ୍ଜଳୀ ବାରିକ, ଲିଲି ମଲିକ, ଜୟନ୍ତୀ ଜେନା, ଶସ୍ମିତା ପ୍ରଧାନ, ଲୋଚନ ପ୍ରଧାନ, ରୂପବତୀ ଧଳ, ଝରାବତୀ ସାହୁ, ବିନୋଦିନୀ ବେହେରା, ସସ୍ମିତା ବାରିକ, ସୁକାନ୍ତି ସାହୁ, ଶାନ୍ତିଲତା ବେହେରା, ପ୍ରମିଳା ପରିଡା, ସସ୍ମିତା ପୃଷ୍ଟି, ରେବତୀ ସାହୁ, ଅନ୍ନପୂର୍ଣ୍ଣା ପରିଡା ପ୍ରମୁଖ ବଗଡା ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଅଭିଯୋଗ କରିଥିଲେ । କେନ୍ଦ୍ରାପଡା ତହସିଲ ଓ ବ୍ଲକ ପକ୍ଷରୁ ଅଧିକାରୀମାନେ ଆସନ୍ତାକାଲି ଘଟଣାସ୍ଥଳକୁ ଯାଇ ସଂପୃକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ସହ ମିଶନଶକ୍ତି ଗୃହ ନିର୍ମାଣ ନିମନ୍ତେ ସୀମା ନିର୍ଦ୍ଧାରଣ କରିବେ ବୋଲି ଉପଜିଲ୍ଲାପାଳ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ବାଂଲାଦେଶ ମୁକ୍ତି ସଂଗ୍ରାମ -୧୯୭୧ର ୫୦ତମ ପୂର୍ତ୍ତି ଉତ୍ସବ ପାଳିତ

ଭୁବନେଶ୍ୱର (ପିଏନ୍)- ବାଂଲାଦେଶ ମୁକ୍ତି ସଂଗ୍ରାମ -୧୯୭୧ ର ୫୦ତମ ପୂର୍ତ୍ତି ଉତ୍ସବ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ବାଂଲାଦେଶ ମୁକ୍ତି ସଂଗ୍ରାମ -୧୯୭୧ କମିଟିର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ □ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଏବଂ ବାଂଲାଦେଶ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ବିର ଯୋଦ୍ଧାମାନେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ଯୁଦ୍ଧରେ ନିଜର ଅନୁଭୂତି ବର୍ଣ୍ଣନା କରି ବରେଣ୍ୟ ଅତିଥି ଭାବେ ଯୋଗଦେଇ ସର୍ବଶ୍ରୀ ମେଜର ଜେନେରାଲ ବିକାଶ ମହାଁ, ଲେଫ୍ଟନାଂଟ କର୍ଣ୍ଣଲ ଶିବରାମ ଶତପଥି, କ୍ୟାପଟେନ ଦୁର୍ଯ୍ୟୋଧନ ମହାଁ ପ୍ରମୁଖ ତତ୍‌କାଳୀନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଦୃଢ଼ ନିଷ୍ପତି ଓ ନେତୃତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀମତୀ ଗାନ୍ଧୀ ନେଉଥିବା ନିଷ୍ପତିରୁ କେବେ ବିଚ୍ୟୁତ ହୁଅଁ ନାହିଁ ବୋଲି ସେମାନେ କହିଥିଲେ। ନିଜ ନିଜର ଯୁଦ୍ଧ ଅନୁଭୂତି ବର୍ଣ୍ଣନା କରି ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଦେଶପ୍ରୀତିର ଭାବଗର୍ଭକ ପରାକାଷ୍ଠା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ ଶ୍ରୀଯୁକ୍ତ କୁମରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଦୃଢ଼ ନିଷ୍ପତି ଓ ବଳିଷ୍ଠ ନେତୃତ୍ୱ ବଳରେ ପୂର୍ବ ପାକିସ୍ଥାନ ଓ ପଶ୍ଚିମ ପାକିସ୍ଥାନ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦ ଓ ଲଢ଼େର ଅବସାନ ଘଟାଇ ବାଲାଂଦେଶ ତିଆରି କରିପାରିଥିଲେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଆପଣମାନେ ଯେଭଳି ଭାବରେ ଆପଣଙ୍କର ମୂଲ୍ୟବାନ ଅନୁଭୂତି ଓ ପରାମର୍ଶ ଦେଇଛଁ ସେଥିପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି। ପ୍ରତିବର୍ଷ ଏହି ଉତ୍ସବକୁ ପିସିସି ପକ୍ଷରୁ ଭଲ ଭାବରେ ପାଳନ କରାଯିବ ବୋଲି ସେ କହିଥିଲେ। ହିନ୍ଦୁ ଓ ହିନ୍ଦୁତ୍ୱ ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଥିଲେ ଯେ ଏବେ ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ ଦେଶର ଜନସାଧାରଣଙ୍କୁ ବିଭ୍ରାଂ କରାଯାଉଛି। ହିନ୍ଦୁ, ହିନ୍ଦୁତ୍ୱ ଓ ଭାରତୀୟତା ଭିତରେ ସାମାନ୍ୟ ମାତ୍ର ପାର୍ଥକ୍ୟ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ମାତ୍ର କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ହିନ୍ଦୁତ୍ୱକୁ ନେଇ ବିଭେଦ ସୃଷ୍ଟି କରିବାପାଇଁ ଷଡ଼ଯନ୍ତ୍ର କରୁଛଁ। ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଭାତୃତ୍ୱ ତଥା ବସୁଦୈବ କୁଟୁମ୍ବକମ ହେଉଛି ହିନ୍ଦୁତ୍ୱର ମୂଳମନ୍ତ୍ର। ହିନ୍ଦୁତ୍ୱ ବିଶେଷକରି ମାନବବାଦ ଉପରେ ପ୍ରାଧାନ୍ୟ ଦେଇଥାଏ। କଂଗ୍ରେସ ଦଳ ହିନ୍ଦୁତ୍ୱକୁ ମାନବଜାତିର ଧର୍ମ ରୂପେ ପ୍ରଚାର କରୁଥିବାବେଳେ ହିନ୍ଦୁତ୍ୱକୁ ସଂକୀର୍ଣ୍ଣତା ଭିତରେ ରଖିବା ପାଇଁ ଆଉ ଏକ ଦଳ ପ୍ରଚେଷ୍ଟା କରୁଛି। ଯାହାକି ସମ୍ଭବ ହୋଇପାରିବ ନାହିଁ। ଏହି ଅବସରରେ ୧୯୭୧ ବାଂଲାଦେଶ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ମେଜର ଜେନେରାଲ ଶ୍ରୀଯୁକ୍ତ ମହାଁ, ଲେଫ୍ଟେନାଂଟ କର୍ଣ୍ଣଲ ଶ୍ରୀଯୁକ୍ତ ଶତପଥି, କ୍ୟାପଟେନ ଶ୍ରୀଯୁକ୍ତ ମହାଁ ଏବଂ ପୂର୍ବତନ ସୈନିକ କାର୍ତିକେଶ୍ୱର ସାହୁ ଓ ପ୍ରାକ୍ତନ କୁଳପତି ଶ୍ରୀଯୁକ୍ତ ଦାସଙ୍କୁ ମୁଖ୍ୟ ଅତିଥି ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ କମିଟିର ସଂଯୋଜକ ଶ୍ରୀ ପଦ୍ମାକର ଗୁରୁ ପରିଚାଳନା କରିଥିଲେ ଓ ଶେଷରେ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜାତୀୟ ସଂଗୀତ ଗାନ କରାଯାଇ ସଭାସାଂଗ ହୋଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଏଆଇସିସି ସଂପାଦକ ଶ୍ରୀ ଶରତ ରାଉତ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଦେବେନ୍ଦ୍ର ନାଥ ଶର୍ମା, ମନୋରନ ଦାଶ, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ଜ୍ଞାନଦେବ ବେଉରା, ଚିନ୍ମୟ ପ୍ରସାଦ ବେହୁରା, ସୁବ୍ରତ ମହାପାତ୍ର, ବିସ୍ମୟ ମହାପାତ୍ର, ଅଶୋକ ଦାସ, ଅମିୟ ପାଣ୍ଡବ, ମନୋରନ ରାଉତରାୟ, ଦୀପକ କୁମାର ମହାପାତ୍ର, ଆଶିଷ ମଲ୍ଲିକ, ପ୍ରକାଶ ମିଶ୍ର, ସୁବାଶ ପ୍ରଧାନ, ଜୟକୃଷ୍ଣ ମଲ୍ଲିଆ, ସତ୍ୟବ୍ରତ ନାୟକ, ଜୟକୃଷ୍ଣ ସୁବୁଦ୍ଧି, ଆଲୋକ ଲେଙ୍କା, ନଳିନୀ କା' ନାୟକ, ସ୍ୱାଧୀନବାଳା ଦାସ, ସୂର୍ଯ୍ୟକାଁ ବାଗ, ମମତା କୁଣ୍ଡୁ, ମୋନାଲିସା ଦାସ, ନିରଦ ବରଣ ଖୁଂଟିଆ, ମିହିର ଆଚାର୍ଯ୍ୟ, ନାସିର ଅହମ୍ମଦ, ପ୍ରଫୁଲ୍ଲ ଦାସ, କୈଳାସ ସାହୁ, ଲିଙ୍ଗରାଜ ସାହୁ, ଏମଡି ଶାହାଦୁଲ୍ଲା, ମଂଟୁ ମଲ୍ଲିକ, ସାଗର ପରିଡ଼ା, ମୋହନ ଜେନା, ରାଜକିଶୋର ବାରିକ, ବିଜୟ କୁମାର ଦାସ ଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ ଅବସରପ୍ରାପ୍ତ ବହୁ ନୌସେନା, ସ୍ଥଳସେନା, ବାୟୁସେନା ର ସେନାଧିକାରୀମାନେ ଉପସ୍ଥିତ ଥିଲେ।

ବଙ୍ଗଳା ଦେଶରେ ହିନ୍ଦୁ

ନିକଟରେ ପଡୋଶୀ ବଙ୍ଗଳା ଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ ସଂଖ୍ୟା ଗରିଷ୍ଠ ମୁସଲମାନଙ୍କ ଆକ୍ରମଣର ଏକ ଲହର ଆରମ୍ଭ ହୋଇଯାଇଚି । ଚିରାଚରିତ ଢଙ୍ଗରେ ମନ୍ଦିର ଭଙ୍ଗା, ମହିଳାମାନଙ୍କୁ ଅପହରଣ କରିବା, ଘରପୋଡି ଦେବା, ଗାଈ ମାନଙ୍କୁ ମାରି ମନ୍ଦିର ପରିସରରେ ଫିଙ୍ଗିବା ଭଳି ଘଟଣା ଘଟିବାରେ ଲାଗିଛି । ବଙ୍ଗଳାଦେଶ ପୁଲିସ ଘଟଣାର ସୂତ୍ରଧର କୁହାଯାଉଥିବା ଜଣେ ମୁସଲମାନ ଯୁବକକୁ ଗିରଫ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । କିଛିଦିନ ତଳେ ଦଶହରା ବେଳେ ହିନ୍ଦୁମାନେ ବିଭିନ୍ନ ସ୍ଥାନରେ ମୃଣ୍ମୟୀ ଦୁର୍ଗା ମୂର୍ତ୍ତିମାନ କରି ପୂଜା କରୁଥିଲେ । କୁହାଯାଏ ଚିଟାଗଞ୍ଜର କମିଲାଠାରେ ଗୋଟିଏ ମୂର୍ତ୍ତିଙ୍କ ହାତରେ ମୁସଲମାନଙ୍କ ଧର୍ମଗ୍ରନ୍ଥ କୋରାନ ଥିବାର ଦେଖିବାକୁ ମିଳିଲା । ଏହାକୁ ସେମାନଙ୍କ ଧର୍ମ ପ୍ରତି ଅବମାମନା ମନେକରି ମୌଳବାଦୀ ମୁସଲମାନମାନେ ବଦଳା ପାଇଁ ହିନ୍ଦୁମାନଙ୍କୁ ଶରବ୍ୟ କରିଛନ୍ତି । ବଙ୍ଗଳାଦେଶର ନୂଆଖାଲି ଅ-ଞ୍ଚଳର ଏକ ଇସକନ ମନ୍ଦିରରେ ଆକ୍ରମଣ ହୋଇ ତାହା ବିଭିନ୍ନ ସ୍ଥାନକୁ ବ୍ୟାପି ଯାଇଛି । ନୂଆଖାଲିରେ ଆଜକୁ ପ୍ରାୟ ୭୫ ବର୍ଷ ତଳେ ୧୯୪୬ ମସିହାରେ ବିଭାଜନ ଓ ସ୍ୱାଧିନତାର ପୂର୍ବରୁ ଭୟଙ୍କର ହିନ୍ଦୁ ଗଣହତ୍ୟା ଅନୁଷ୍ଠିତ ହୋଇ ପ୍ରାୟ ଦୁଇ ହଜାର ହିନ୍ଦୁ ଙ୍କ ମୃତ୍ୟୁ ଘଟିଥିଲା । ଅବସ୍ଥା ସମ୍ଭାଳିବାକୁ ଜାତିର ଜନକ ମହାତ୍ମାଗାନ୍ଧି ଏଠାକୁ ଯାଇ ପ୍ରାୟ ତିନିମାସ ରହିଥିଲେ । ତାଙ୍କର ଐତିହାସିକ ନୂଆଖାଲି ପଦଯାତ୍ରା ଦ୍ୱାରା ସେ ଅତି ନିପଟ ମଫସଲର ନଈ,ନାଳ,ବଣ ଭରା ଗାଆଁ ମାନଙ୍କୁ ଯାଇ ଶାନ୍ତି ପାଇଁ ପ୍ରୟାସ କରିଥିଲେ ।

ଆଜିର ବଙ୍ଗଳାଦେଶ ସ୍ୱାଧିନତା ପୂର୍ବରୁ ଅବିଭକ୍ତ ବଙ୍ଗ ପ୍ରଦେଶର ଏକ ଅଂଶ ଥିଲା । ମୁସଲମାନ ଧର୍ମାବଲମ୍ବୀମାନେ ସେଠାରେ ସଂଖ୍ୟାଗରିଷ୍ଠ ଥିଲେ ମଧ୍ୟ ଧର୍ମ ଅପେକ୍ଷା ନିଜର ବଙ୍ଗାଳୀ ଭାଷା,ଜାତୀୟ କବି ରବିନ୍ଦ୍ର ଟାଗୋରଙ୍କ ସଙ୍ଗୀତ, କଲିକତା ମହାନଗରୀ, ରାମକୃଷ୍ଣ ପରମହଂସ, ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦଙ୍କ ଭାବନା ଏମାନଙ୍କୁ ସବୁବେଳେ ଗର୍ବିତ ଓଏକତ୍ର କରି ରଖିଥିଲା । କଲିକତାରେ ଭାରତରର ରାଜଧାନୀ ଥିବାରୁ ସେମାନେ ସବୁଠାରୁ ଉନ୍ନତ ରାଜ୍ୟରେ ପରିଣତ ହୋଇଥିଲେ ଓ ଭାରତରେ ଆଧୁନିକ ଚିନ୍ତାଧାରାର ଜନକ ଥିଲେ, ସେଥିପାଇଁ କୁହାଯାଉଥିଲା, What Bengal thinks to day,India will think tomorrow.ବଢି ଉଠୁଥିବା ଜାତୀୟ ଚିନ୍ତାଧାରା ଓ ଇଂରେଜ ବିରୋଧୀ ମନୋଭାବକୁ ନଷ୍ଟ କରିବା ପାଇଁ ବ୍ରିଟିଶ ଗଭର୍ଣ୍ଣର ଜେନେରାଲ ଲର୍ଡ କର୍ଜନ ବଙ୍ଗଳାକୁ ୧୯୦୫ ମସିହାରେ ଦୁଇଭାଗ କରିଦେଲେ; ମୁସଲମାନବହୁଳ ପୂର୍ବ ବଙ୍ଗ ଓ ହିନ୍ଦୁ ବହୁଳ ପଶ୍ଚିମବଙ୍ଗ, ଯାହା ସହିତ ବିହାର ଓ ଓଡିଶା ଯୋଡା ହୋଇଥିଲା । ଏହାକୁ ବିରୋଧ କରି ଉଭୟ ଭାଗର ମିଶ୍ରଣ ପାଇଁ ବଙ୍ଗଳାରେ ଭୟଙ୍କର ବଙ୍ଗଭଙ୍ଗ ବିରୋଧି ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେଲା । ଆତଙ୍କବାଦୀ ଆକ୍ରମଣରେ ଅନେକ ଇଂରେଜ ଅଫିସର ନିହତ ହେଲେ ଓ ସରକାର ବାଧ୍ୟ ହୋଇ ବଙ୍ଗଭଙ୍ଗକୁ ୧୯୧୧ ମସିହାରେ ବାତିଲ କଲେ । ମାତ୍ର ଦେଶର ରାଜଧାନୀ କଲିକତାରୁ ଦିଲ୍ଲୀକୁ ଉଠିଗଲା । ଧିରେ ଧିରେ ଦେଶରେ ସାଂପ୍ରଦାୟିକ ବିଷ ପ୍ରବେଶ କଲା । ଢାକାରେ ୧୯୧୬ ମସିହାରେ ମୁସଲିମ ଲିଗ ଦଳ ଜନ୍ମହେଲା । ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ, ହିନ୍ଦୁ ମହାସଭା, ରାମରାଜ୍ୟ ପରିଷଦ ଭଳି ଦଳ ମାନେ ସାଂପ୍ରଦାୟିକ ଭାବନା ସୃଷ୍ଟି କଲେ । ପାକିସ୍ଥାନ ଦାବି ଯୋର ଧରିଲା । କଲିକତା ଓ ନୁଆଖାଲିରେ ଭୟଙ୍କର ହିନ୍ଦୁ ମେଧ ଯଜ୍ଞ କରାଗଲା । ଶେଷକୁ ସ୍ୱାଧିନତା ସହ ବିଭାଜନ ହେଲା । ସୁନାର ବଙ୍ଗଳା, ଆମାର ବଙ୍ଗଳା ଭାବନା ବଦଳରେ ହିନ୍ଦୁ ମୁସଲିମ ଚିନ୍ତାଧାରା ବଙ୍ଗଳାକୁ ହିନ୍ଦୁ ବହୁଳ ପଶ୍ଚିମ ବଙ୍ଗ ଓ ମୁସଲମାନ ବହୁଳ ପୂର୍ବ ବଙ୍ଗ ଏହି ଦୁଇ ଭାଗରେ ବିଭକ୍ତ ହେଲା । ପୂର୍ବ ବଙ୍ଗ ପାକିସ୍ଥାନ ସହ ମିଶିଲା ଓ ତାକୁ ପୂର୍ବ ପାକିସ୍ଥାନ କୁହାଗଲା । ଦେଶ ବିଭାଜନ ବେଳେ ଅଧିକାଂଶ ପୂର୍ବ ବଙ୍ଗର ସ୍ୱଚ୍ଛଳ ଉଚ୍ଚବର୍ଣ୍ଣର ହିନ୍ଦୁମାନେ ନିଜର ସୁରକ୍ଷା ପାଇଁ କଲିକତାକୁ ଚାଲି ଆସିଲେ । ଆର୍ଥିକ ଅନଗ୍ରସର ବଙ୍ଗାଳୀ ଯେଉଁମାନେକି ନମ ଶୁଦ୍ର ନାମରେ ପରିଚିତ ଥିଲେ, ପାକିସ୍ଥାନ ସମର୍ଥିତ ମୁସଲିମ ଲିଗର ସହଭାଗୀ ହୋଇ ନିଜର ନେତା ଯୋଗେନ୍ଦ୍ର ମଣ୍ଡଳକୁ ପାକିସ୍ଥାନର ମନ୍ତ୍ରୀ କରାଇଥିଲେ ।୧୯୫୦ ମସିହାରେ ପୂର୍ବ ପାକିସ୍ଥାନରେ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହେଲା । ନମଶୁଦ୍ରମାନଙ୍କ ଉପରେ ଭୟଙ୍କର ଆକ୍ରମଣ ହେଲା । ଅବସ୍ଥା ସମ୍ଭାଳି ନପାରି ମନ୍ତ୍ରୀ ଯୋଗେନ୍ଦ୍ର ମଣ୍ଡଳ ଇସ୍ତଫା ଦେଇ କଲିକତା ପଳାଇ ଆସିଲେ । ତାଙ୍କ ସହ ଲକ୍ଷ ଲକ୍ଷ ହିନ୍ଦୁ ପୂର୍ବ ପାକିସ୍ଥାନ ଛାଡି ଭାରତକୁ ପଳାଇ ଆସିଲେ । ସେମାନେ ଶରଣାର୍ଥୀ ହୋଇ ଅଶେଷ ଦୁଃଖ କଷ୍ଟରେ ଦିନ କାଟିଲେ । ସେବେଠାରୁ ନିୟମିତ ଅନ୍ତରରେ ପାକିସ୍ଥାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେବା ମନ୍ଦିର ଭାଙ୍ଗିବା ଘଟଣା ଘଟୁଅଛି । । ତାହାଛଡା ପ୍ରତିବର୍ଷ ହିନ୍ଦୁମାନେ ଦେଶ ଛାଡିବା ଏକ ସାଧାରଣ ଘଟଣା ହୋଇଗଲା । ଏକ ଆକଳନ ଅନୁଯାୟୀ ବର୍ଷକୁ ହାରାହାରି ୨ ଲକ୍ଷ ହିନ୍ଦୁ ଭାରତକୁ ଆସି ସ୍ଥାୟୀ ଭାବେ ରହି ଯାଆନ୍ତି ।୧୯୭୧ ମସିହାରେ ପୁର୍ବ ବଙ୍ଗଳାରେ ସ୍ୱାଧିନତା ପାଇଁ ବିଦ୍ରୋହ ହେଲା । ବିଦ୍ରୋହ ଦମନ ପାଇଁ ପାକିସ୍ଥାନର ସୈନ୍ୟମାନେ ପୂର୍ବ ପାକିସ୍ତାନୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ । ସେଥିରୁ ରକ୍ଷା ପାଇବା ପାଇଁ ଏକ କୋଟି ପୂର୍ବ ବଙ୍ଗ ଅଧିବାସୀ ଭାରତ ଆସି ଶରଣାର୍ଥୀ ହୋଇ ଭାରତରେ ଆଶ୍ରୟ ନେଲେ । ବର୍ଷ ଧରି ଯୁଦ୍ଧ ଚାଲିଲା । ଶେଷରେ ଭାରତୀୟ ସେନା ପୂର୍ବ ବଙ୍ଗକୁ ମୁକ୍ତ କରି ସ୍ୱାଧିନ ବଙ୍ଗଳାଦେଶ ସୃଷ୍ଟି କଲେ । ଅଧିକାଂଶ ଶରଣାର୍ଥୀ ଫେରିଗଲେ ମଧ୍ୟ ପ୍ରାୟ ୧୦ ଲକ୍ଷ ହିନ୍ଦୁ ଆଉ ଗଲେ ନାହିଁ । ସ୍ୱାଧିନ ବଙ୍ଗଳା ଦେଶ ହେଲା ପରେ ଆଶା କରାଯାଉଥିଲା, ହିନ୍ଦୁମାନେ ସେଠାରେ ଶାନ୍ତିରେ ରହିବେ । ବଙ୍ଗବନ୍ଧୁ ତଥା ପ୍ରଥମ ପ୍ରଧାନମନ୍ତ୍ରୀ ଶେଖ ମୁଜିବୁର ରହମନ କିଛି ଦିନ ପାଇଁ ବଙ୍ଗ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୩

ପରିବାର ସ୍ୱାସ୍ଥ୍ୟ ସମୀକ୍ଷାର କିଛି କଥା



ଜନସଂଖ୍ୟାକୁ ନେଇ ସଭିଏଁ ଚିନ୍ତିତ। ଭାରତର ଜନସଂଖ୍ୟା ହୁ ହୁ ହୋଇ ବଢିଚାଲିଛି ବୋଲି ବିଭିନ୍ନ ମହଲରୁ ଦାବିହୁଏ। ଏବେ ସେମାନଙ୍କ ପାଇଁ ରିପୋର୍ଟଟିଏ। ସେମାନେ ଜାଣିବା ଦରକାର ଯେ ନିକଟରେ ହୋଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସମୀକ୍ଷାରୁ ଜଣାପଡିଛି ଯେ ଭାରତର ଜନସଂଖ୍ୟାରେ ଯେଉଁ ବିସ୍ଫୋରଣ ଘଟୁଛି ବୋଲି କୁହାଯାଉଥିଲା, ପ୍ରକୃତରେ ସଂକୋଚନ ଘଟିବାରେ ଲାଗିଛି। ଯେକୌଣସି ଦେଶର ଜନସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ହେଲେ ଦରକାର ହୁଏ ଦଂପତିଙ୍କ ସନ୍ତାନ ଜନ୍ମରେ ସାଧାରଣ ହାର। ଏହି ହାର ହେଲା, ୨:୧। ୨୦୨୦ ମସିହାରେ ଏହି ହାର ଭାରତରେ ଥିଲା ୨:୦। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସ୍ୱାଧୀନତାର ପ୍ରାକ୍‌କାଳରେ ଏଇ ହାର ଥିଲା ୫:୯। ସେବେଠାରୁ ଏହା କ୍ରମଶଃ କମିବାରେ ଲାଗିଛି।

ଅବଶ୍ୟ ଏଇ ହାର ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ଫରକ ରହିଛି। କିନ୍ତୁ ସାମଗ୍ରିକ ଭାବରେ ବିଚାରକୁ ନେଲେ, ଜଣାଯାଏ ଦେଶର ଅଧିକାଂଶ ରାଜ୍ୟରେ ଜନସଂଖ୍ୟା ସ୍ଥିର ରହିଛି ବା ନିମ୍ନଗାମୀ ହେବାରେ ଲାଗିଛି। ବର୍ତମାନର ଜନସଂଖ୍ୟାକୁ ବିଶ୍ଳେଷଣ କଲେ ଜଣାଯିବ ଯେ, ଦୁଇ ତିନିଦଶକ ଧରି ତରୁଣ ପ୍ରଜନ୍ମର ମହିଳା ପୁରୁଷଙ୍କ ମୋଟ ସଂଖ୍ୟାରେ ସେପରି କୌଣସି ହ୍ରାସ ଦେଖାଯିବ ନାହିଁ। ଏଥିରୁ ସ୍ପଷ୍ଟ ହୁଏ ଯେ ଦେଶରେ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କ ସଂଖ୍ୟାରେ ହ୍ରାସ ପାଇବାର କୌଣସି କାରଣ ନାହିଁ। ଏହିହିଁ ହେଉଛି ସବୁଠାରୁ ଭଲ ସମୟ। କାରଣ କାର୍ଯ୍ୟକ୍ଷମ ଲୋକମାନଙ୍କର ଅନୁପାତରେ ଯଦି ହ୍ରାସ ଦେଖାଦେଇଥାନ୍ତା, ତେବେ ଦେଶର ଉତ୍ପାଦନ ଉପରେ ଏହାର ବିଶେଷ ପ୍ରଭାବ ପଡିଥାନ୍ତା କାରଣ ତରୁଣମାନେ ହେଉଛନ୍ତି ଦେଶର ସମ୍ପଦ। ଏଣୁ ସେମାନଙ୍କ ସଂଖ୍ୟା ଠିକ୍ ଥିବାରୁ କାର୍ଯ୍ୟଦକ୍ଷତା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।

ଏଠାରେ ଆଉ ଗୋଟାଏ କଥାକୁ ବିଚାରକୁ ନିଆଯାଇପାରେ। ଜନସଂଖ୍ୟା ସଂକୋଚନ ପଥରେ। ଶିକ୍ଷିତ, ସ୍ୱାସ୍ଥ୍ୟବାନ ନବଯୁବକ ଦେଶକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। କିନ୍ତୁ ବାସ୍ତବକ୍ଷେତ୍ରରେ ଦେଖାଯାଉଛି ଜନସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ହୋଇ ନ ପାରିବା ଫଳରେ, ସେମାନଙ୍କ ମଧ୍ୟରେ କର୍ମହୀନତା ବଢିବାରେ ଲାଗିଛି। ଆମ ଦେଶରେ ଶିକ୍ଷାର ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ପଛରେ ଥିବାରୁ ଯୁବଗୋଷ୍ଠୀ ଏବେ ନିରାଶାର ଶିକାର। ଯାହାର ପରିଣାମ ହେଉଛି ସାମାଜିକ ସଂକଟ। ଜନସଂଖ୍ୟା ବୃଦ୍ଧି କଥା ଯେଉଁମାନେ କହୁଛନ୍ତି, ସେମାନେ ଏହାକୁ ନଜରଅନ୍ଦାଜ କରିଯାଉଛନ୍ତି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସମୀକ୍ଷାରେ ଯେଉଁସବୁ ସଂକଟର କଥା କୁହାଯାଇଛି, ତାହା ହେଲା- ମା ଓ ଶିଶୁର ଯତ୍ନ ଓ ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି। ଅନେକ ଯୋଜନା ଏଥିପାଇଁ କାମ କରୁଥିଲେ ମଧ୍ୟ ମାତୃ ଓ ଶିଶୁ ମୃତ୍ୟୁହାର ଏପର୍ଯ୍ୟନ୍ତ ହ୍ରାସ ପାଇପାରିନାହିଁ।

ଜନସଂଖ୍ୟାର ହାର କମାଇବା ଲକ୍ଷ୍ୟରେ ଅନେକ ରାଜ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ପଂଚାୟତିରାଜ ନିର୍ବାଚନରେ ଦୁଇରୁ ଅଧିକ ସନ୍ତାନ ଥିବା ପିତାମାତାଙ୍କ ନିର୍ବାଚନ ନ ଲଢିବା ପାଇଁ ନିୟମ କରାଯାଇଛି। ଓଡିଶାରେ ଏଇ ନିୟମ ଲାଗୁ କରାଯାଇଛି। ଏପରିକି ସରକାରୀ ଚାକିରିରେ ଦୁଇରୁ ଅଧିକ ସନ୍ତାନ ଥିବା ଲୋକ ପାଇପାରିବ ନାହିଁ। ମାତ୍ର ଏହା ଯଥେଷ୍ଟ ନୁହେଁ। ଦୁଇରୁ ଅଧିକ ସନ୍ତାନ ଥିବା ପିତାମାତାଙ୍କୁ ରିହାତି ସରକାରୀ ଚାଉଳ, ଭତା ଏବଂ ଅନ୍ୟାନ୍ୟ ସହାୟତାରୁ ଅଲଗା ରଖାଯିବାର ନିୟମ କରାଯିବା ଦରକାର।

କେବଳ ନିୟମ କରିଦେଲେ ହେବନାହିଁ, ମା ଓ ଶିଶୁର ସ୍ୱାସ୍ଥ୍ୟ ଉପରେ ନଜର ଦେବାକୁ ହେବ। ତା' ନହେଲେ ଲୋକେ ଦୁଇଟି ପିଲାରେ ପରିବାର ଗଢିବାକୁ ଚାହିଁବେ ନାହିଁ। ଭାରତରେ ସ୍ୱଳ୍ପଶିକ୍ଷିତ ମା'ମାନଙ୍କ ମନରେ ଧାରଣା ସୃଷ୍ଟି କରିବାକୁ ହେବ ଯେ ଗୋଟିଏ ବା ଦୁଇଟି ସନ୍ତାନ ଯଥେଷ୍ଟ। ସେମାନଙ୍କୁ ଠିକ୍ ଭାବେ ପାଠଶାଠ ପଢେଇ ମଣିଷ କରିପାରିଲେ ସେମାନେ ଆଗକୁ ବଢିପାରିବେ। ସୁସ୍ଥ ରହି ସମାଜକୁ କିଛି ଦେଇପାରିବେ।

ଶିଶୁମୃତ୍ୟୁ ହାର ଅଧିକ ହେଉଥିବାରୁ ଲୋକମାନଙ୍କ ମଧ୍ୟରେ ଅଧିକ ସନ୍ତାନ ପାଇଁ ଇଚ୍ଛା ପ୍ରକାଶ ପାଉଛି। ଯେଉଁ ପିଲାଟି ଜନ୍ମ ନେଇଛି ସେ ଯେ ବଂଚି ରହିବ ଏ ନେଇ ସେମାନେ ନିଶ୍ଚିତ ହୋଇପାରୁ ନଥିବାରୁ ଏକାଧିକ ସନ୍ତାନ ପାଇଁ ମନ ହେଉଛି। କାରଣ ନିଜର ପରିଣତ ବୟସାରେ କେହି ଜଣେ ସେମାନଙ୍କ ଭରସା ହେବା ଦରକାର। ଏଣୁ ପାରିବାରିକ ସ୍ୱାସ୍ଥ୍ୟରକ୍ଷା ଦିଗରେ ମା' ଓ ଶିଶୁର ଯତ୍ନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଜିକାଲି ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଅନେକ ଯୋଜନା ହୋଇଥିଲେ ମଧ୍ୟ ଲୋକଙ୍କ ମନରୁ ଭୟ ଦୂର ହୋଇପାରିନାହିଁ।

ଜନ୍ମହାର କମାଇବାକୁ ହେଲେ ଦୁଇଟି ଦିଗ ଉପରେ ଗୁରୁତ୍ୱ ଦେବାକୁ ହେବ। ଶିଶୁର ସ୍ୱାସ୍ଥ୍ୟ ଏବଂ ଶିକ୍ଷା। ପିଲାଟି ଯେପରି ପାଠଶାଠ ପଢି ମଣିଷ ହୋଇ ପରିବାରର ଦେଖାଶୁଣା କରିପାରିବ, ଏକଥା ନିଶ୍ଚିତ ହୋଇଗଲେ ଦଂପତି ଗୋଟିଏ ପିଲାରେ ନିଜକୁ ସୀମିତ ରଖିପାରିବେ।

ଗୋଟିଏ ସୁଖୀ ପରିବାର ନିର୍ଭର କରେ ପ୍ରାକ୍‌କାଳରୁ କିପରି କିଶୋରୀମାନଙ୍କର ଯତ୍ନ ନିଆଯାଇପାରିବ। କାରଣ ସୁସ୍ଥ କିଶୋରୀ ଜଣକ କେବଳ ଜଣେ ସୁସ୍ଥ ସନ୍ତାନ ହିଁ ଜନ୍ମ ଦେଇପାରିବ। ସେଥିପାଇଁ ସରକାରଙ୍କ ପକ୍ଷରୁ ମମତା ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏହାର ସଫଳତାର ହାର ସେପରି ଆଖିଦୃଶିଆ ନୁହେଁ। ସନ୍ତାନ ଜନ୍ମ ହେବା ପରେ ଏହାକୁ କିପରି ସୁଶିକ୍ଷା ପ୍ରଦାନ କରି ମଣିଷ କରାଯାଇପାରିବ, ସେଥିନେଇ ଚିନ୍ତା ଦେଖାଦେବ। କିନ୍ତୁ କ'ଣ ହେବ, ଏବେବି ଆମେ ଶିଶୁମୃତ୍ୟୁହାରରେ ଅନେକ ଆଗରେ ରହିଛୁ। ଏହାକୁ ପୂରାପୂରି ଜିରୋକୁ ଆଣିବାକୁ ହେବ, ନହେଲେ ସୁସ୍ଥ ପରିବାର ଗଠନର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯିବ।

ସୁବାସ ଷଡଙ୍ଗୀ, ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିକୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

—ଆଦିବାସୀ ଅଂଚଳରେ ପ୍ରାଥମିକ ଶିକ୍ଷା:—

ମହାମାରୀ ପରବର୍ତ୍ତୀ ସମୟରେ ଶିଶୁମାନଙ୍କର ପାଠପଢ଼ା

ଲୋକନାଥ ପଣ୍ଡା

ମନିତା ଶବର, ଗ୍ରାମ : ଲାବାରସିଂ ଶବର ସାହି । ମୋହନା ବ୍ଲକ, ଗଜପତି ଜିଲ୍ଲା । ମନିତା ସଉରା ଜନଜାତିର ଗୋଷ୍ଠୀର । ସ୍ଥାନୀୟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛି । ମନିତାର ପିତାମାତା ବର୍ତ୍ତମାନ ଫସଲ ଅମଳ ହେବା ସମୟ ହୋଇଥିବାରୁ ଅଧିକାଂଶ ସମୟ ବଗଡ଼ରେ ରହୁଛନ୍ତି । କେତେବେଳେ ଘରକୁ ଆସୁଛନ୍ତି ତ ନାହିଁ । ବଡ଼ ଭଉଣୀ ୧୦ମ ପର୍ଯ୍ୟନ୍ତ ପଢ଼ିଲା, ବର୍ତ୍ତମାନ ଦେଶ (ରୋଜଗାର ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ) ଯାଇଛି । ମନିତା ସହ ନିଜର ବୃଦ୍ଧା ଜେଜେ ମାଆ ଅଛନ୍ତି । ବେଳେ ବେଳେ ସାନଭଉଣୀ ଘରେ ରହୁଛି ତ କେତେବେଳେ ବଗଡ଼ରେ ବାପାମାଆଙ୍କ ସହ ରହୁଛି । ନିଜେ ରୋଷେଇ କରିବା, ଘରର ସଫାସୁତୁରା କରିବା, କୁକୁଡ଼ାର ଯତ୍ନ ନେବା, ନିଜ ଭଉଣୀର ଯତ୍ନ ନେବା ସହିତ ଗୋରୁକୁ ଚରେଇ ନେବାର ଦାୟିତ୍ୱ ମଧ୍ୟ ରହୁଛି ! ବେଳେ ବେଳେ କାଠ ସଂଗ୍ରହ କରୁଛି ! ଅନ୍ୟ ସାଙ୍ଗସାଥୀଙ୍କ ସହିତ ସମୟ ସମୟରେ ଖେଳୁଛି । ଦଶ ବାରବର୍ଷର ଶିଶୁଗୁଡ଼ିକ ଘରର କେତେ ଦାୟିତ୍ୱ ନେଇଛନ୍ତି, ତାହାକୁ ଅନୁଭବ କରୁଥିଲି । ସବୁ ଦାୟିତ୍ୱ ନେଇ ସନ୍ଧ୍ୟାରେ ପ୍ରାରମ୍ଭ କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଉଛି ।

କେବଳ ମନିତା ଶବର ନୁହେଁ, ଗଜପତି ଜିଲ୍ଲାର ମୋହନା ବ୍ଲକର ଚନ୍ଦ୍ରଗିରି ଅଂଚଳରେ କିଛି ସଉରା ଜନଜାତିବହୁଳ ଗାଁଗୁଡ଼ିକ ବୁଲିବା ବେଳେ ଏହିପରି ଅନେକ ଆଦିବାସୀ ବାଳିକାଙ୍କ ସହ ଆଲୋଚନା ବେଳେ ସେମାନଙ୍କର କାହାଣୀ କହୁଥିଲେ । ଶିଶୁମାନଙ୍କ ସହ ଆଲୋଚନା ବେଳେ ସେମାନଙ୍କ ବିଷୟରେ ମନକୁ ଅନେକ କଥା ଆସୁଥିଲା । ଅଧିକାଂଶ ଶିଶୁ ଦିନରେ ଗାଈ ଚରେଇବା ହେଉ, ନିଜର ଘରର ଦାୟିତ୍ୱ ହେଉ, କିମ୍ବା ଧାନ କାଟିବାକୁ ହେଉ, ଏହିଭଳି ବିଭିନ୍ନ କାମ ସାରି ସନ୍ଧ୍ୟାରେ ଶିକ୍ଷାକେନ୍ଦ୍ରଗୁଡ଼ିକୁ ଆସୁଛନ୍ତି, ପୁଣି ହାଡ଼ଭଙ୍ଗା ଶୀତରେ... । ସବୁଠାରୁ ବଡ଼ କଥା ହେଲା ମୋ' ସ୍କୁଲ କାର୍ଯ୍ୟକ୍ରମ ଅଧିନରେ ଭାରତ ଜ୍ଞାନ ବିଜ୍ଞାନ ସମିତି ଆନୁକୂଲ୍ୟରେ ଚନ୍ଦ୍ରଗିରି ଅଂଚଳର ଆଦିବାସୀବହୁଳ ଗ୍ରାମମାନଙ୍କରେ ୪୦ରୁ ଊର୍ଦ୍ଧ୍ୱ 'ପ୍ରାରମ୍ଭ' ଶିକ୍ଷା କେନ୍ଦ୍ର ଚାଲିଛି । ଅନେକ ସ୍ୱେଚ୍ଛାକୃତ ଭାବରେ ଅନେକ 'ପ୍ରାରମ୍ଭ' ଶିକ୍ଷାକେନ୍ଦ୍ର ଗ୍ରାମବାସୀଙ୍କ ସହଯୋଗରେ ଖୋଲାହୋଇଛି ଏବଂ ଏଥିରେ ଅନେକ ସ୍ୱେଚ୍ଛାକୃତ ଭାବରେ ଅଧିକାଂଶ ଆଦିବାସୀ ଯୁବକ ସାମିଲ ହୋଇ ଶିକ୍ଷାଦାନ କରୁଛନ୍ତି । ସ୍ୱତନ୍ତ୍ର ଭାବରେ ମୋ' ସ୍କୁଲ କାର୍ଯ୍ୟକ୍ରମ ତରଫରୁ ଏହି କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଦିଆଯାଉଛି ଏବଂ ଭାରତ ଜ୍ଞାନ ବିଜ୍ଞାନ ସମିତି ସଂଯୋଜନା କରୁଥିବା ବେଳେ ସଉରା ଉନ୍ନୟନ ସଂସ୍ଥା, ଚନ୍ଦ୍ରଗିରି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଏବଂ ପ୍ରମୁଖ ଭାବରେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ବିଶେଷ ସହଯୋଗ କରାଯାଉଛି । ଏଥିସହିତ 'ସ୍କୁଲ ଇନ୍ ଏ ଭେନ୍' ଭ୍ରାମ୍ୟମାଣ ପାଠପଢ଼ା କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଞ୍ଚଳର ଶିଶୁମାନଙ୍କୁ ବେଶ୍ ଆକୃଷ୍ଟ କରୁଛି ଓ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରୁଛି ।

ମୋହନା ବ୍ଲକର ରଥଦାଣ୍ଡ ସାହି ଗ୍ରାମକୁ ଏକ ବାଇକ୍ ଇନ୍ ସ୍କୁଲ କାର୍ଯ୍ୟକ୍ରମରେ ଭାରତ ଜ୍ଞାନ ବିଜ୍ଞାନ ସମିତିର ସ୍ୱେଚ୍ଛାସେବୀ ଜେମ୍‌ସଙ୍କ ସହ ଯିବାର ସୁଯୋଗ ପାଇଥିଲି । ଚାରିରୁ ଛଅ ବର୍ଷର ଶିଶୁ ଚାରୋଟି ପାଳଗଦା ଉପରେ ବସି ଖେଳୁଥିଲେ । ବନ୍ଧୁ ଜଣକ ଆସିବାକୁ କହିବା ସଙ୍ଗେ ସଙ୍ଗେ ଶିଶୁମାନେ ଗାଡ଼ି ଆସିଛି କି ? ବୋଲି ଜେମ୍‌ସ୍‌ଙ୍କୁ ପ୍ରଶ୍ନ କଲେ । ସ୍ୱେଚ୍ଛାସେବୀଙ୍କଠାରୁ ହଁ ଶୁଣିବା ସଙ୍ଗେ ସଙ୍ଗେ କହିବା ସଙ୍ଗେ ସଙ୍ଗେ ଗାଁ ଅଭିମୁଖେ ଧାଇଁଲେ । ସଙ୍ଗେ ସଙ୍ଗେ ଗ୍ରାମର ସାଙ୍ଗସାଥୀଙ୍କୁ ଡାକିଲେ । ପ୍ରାୟ ୨୦ ଜଣ ଶିଶୁ ଚାରିବର୍ଷରୁ ୧୧ ବର୍ଷ ବୟସର ପ୍ରାୟ ୨୦ ଜଣ ଶିଶୁ ଏକତ୍ରିତ ହୋଇଗଲେ । ମାଆମାନେ ଗାଁ ଦାଣ୍ଡରେ ଦରି ବିଛାଇଦେଲେ । ସ୍ୱେଚ୍ଛାସେବୀ ଜଣକ ବିଭିନ୍ନ ପ୍ରକାର ପାଠପଢ଼ା, ଖେଳ, ଗୀତ, ନାଚ ଆଦି ଦୁଇଘଣ୍ଟାର କାର୍ଯ୍ୟକ୍ରମ କଲେ । ଶିଶୁମାନେ ସବୁ କାର୍ଯ୍ୟକ୍ରମରେ ଭାଗ ନେଲେ । ଦୁଇଘଣ୍ଟା ବସିଲେ ମଧ୍ୟ ଶିଶୁମାନଙ୍କ ମନରେ ଯିବା ପାଇଁ ଆଗ୍ରହ ଦେଖାଉ ନ ଥିଲେ । ଶେଷରେ ମାଆମାନେ ବେଶ୍ ଖୁସି ହୋଇ ନିଜର ମାତୃଭାଷା ସଉରାରେ ଗଦ୍ ଗଦ୍ ହୋଇ କଥା ରଖିଥିଲେ । ଏହିଭଳି କିଛି ସ୍କୁଲ ଇନ୍ ଏ ଭେନ୍ କାର୍ଯ୍ୟକ୍ରମ ହେଉ କିମ୍ବା ବାଇକ୍ ମାଧ୍ୟମରେ ଭ୍ରାମ୍ୟମାଣ ସ୍କୁଲ କାର୍ଯ୍ୟକ୍ରମ ହେଉ, ଏହାଦ୍ୱାରା ଗ୍ରାମାଞ୍ଚଳରେ ଥିବା ଶିଶୁମାନଙ୍କୁ କେତେ ଆକର୍ଷିତ କରୁଥିଲା, ତାହା ଅନୁଭବ କରୁଥିଲି ।

ସେହିଭଳି ଗ୍ରାମ ବାଘମାରୀ । ଜିତନୀ ରଇତ ଓ ସାଥୀମାନଙ୍କ ସହ ଆଲୋଚନା କରୁଥିଲି । ତୃତୀୟ ଶ୍ରେଣୀରେ ପଢୁଛି । ନିଜର ନାମ ସ୍ଥାନୀୟ କନ୍ୟାଶ୍ରମରେ ରହିଛି । ଯେହେତୁ ବିଦ୍ୟାଳୟ ବନ୍ଦ ରହିଛି, ସକାଳୁ ସକାଳୁ ପ୍ରାୟ ସକାଳ ୬ଟା ମଧ୍ୟରେ ପ୍ରାରମ୍ଭ ଶିକ୍ଷାକେନ୍ଦ୍ରକୁ ଚାଲି ଆସୁଛି । ଜିତନୀ ରଇତ ସହିତ ଟ୍ରେସ୍‌ଲି ରଇତ, ଦ୍ୱିତୀୟ ଶ୍ରେଣୀ, ଏହିପରି ୨୦ଟି ୩୦ଟି ଶିଶୁ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରର ପିଣ୍ଡାରେ ପାଠ ପଢ଼ିବା ନିମନ୍ତେ ଆସୁଛନ୍ତି । ଦାୟିତ୍ୱରେ ରହିଛନ୍ତି ରାଜକୁମାର ଦଳବେହେରା ଏବଂ ସୁନତୀ ରଇତ । ରାଜକୁମାର ଦଳବେହେରା ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନରେ ଏମ୍.ବି.ଏ. କରିଛନ୍ତି । ଏବଂ ସୁନତୀ ରଇତ, ନିକଟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ବି.ଏଡ୍ କରିଛନ୍ତି, ଦୁହେଁ ଉଚ୍ଚଶିକ୍ଷିତ । ଗତ ପାଞ୍ଚରୁ ଛଅମାସ ହେଲା ଛୋଟ ଛୋଟ ଶିଶୁମାନଙ୍କୁ ଦୁଇଓଳା ଶିକ୍ଷାଦାନ କରୁଛନ୍ତି । ମୋ' ସ୍କୁଲ କାର୍ଯ୍ୟକ୍ରମ "ପ୍ରାରମ୍ଭ'' ହେଉ, "ଜ୍ଞାନବନ୍ଧୁ'' ହେଉ, କିମ୍ବା ସ୍କୁଲ ଇନ୍ ଏ ଭେନ୍ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇ ହେଉ, ସେମାନେ ନିଷ୍ଠାପର ଭାବରେ ଶିକ୍ଷାଦାନ କରୁଛନ୍ତି । ଭାରତ ଜ୍ଞାନ ବିଜ୍ଞାନ ସମିତି ତରଫରୁ ଶିକ୍ଷାଦାନ ନିମନ୍ତେ କିଛି ମୋ' ସ୍କୁଲ ଅଭିଯାନ ତରଫରୁ ପ୍ରସ୍ତୁତ ହୋଇଥିବା ଉପକରଣକୁ ପହଂଚାଯାଇଛି । ଏଥିସହିତ ନିୟମିତ ଭାବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ତରଫରୁ ହେଉ, ସଉରା ଉନ୍ନୟନ ସଂସ୍ଥା ଚନ୍ଦ୍ରଗିରି ତରଫରୁ ହେଉ ବା ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ଥିବା ସି.ଆର୍.ସି.ସି. କିମ୍ବା ଶିକ୍ଷକ ହୁଅନ୍ତୁ, ଉଣାଅଧିକେ ସେମାନେ ଏହି କାର୍ଯ୍ୟକ୍ରମକୁ ଉତ୍ସାହିତ କରୁଛନ୍ତି । ଏଥିରେ ପ୍ରମୁଖ ସହଯୋଗ କରୁଛନ୍ତି ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀବୃନ୍ଦ । ସେମାନଙ୍କ ସହ ଆଲୋଚନା ବେଳେ ସେମାନେ କରୋନା ହେତୁ ସେମାନଙ୍କର ଶିଶୁମାନଙ୍କର ଯେତିକି କ୍ଷତି ହୋଇଛି, ତାହା ଭରଣା ହୋଇପାରିବ କି ନାହିଁ, ତାହା ଉପରେ ସନ୍ଦେହ ପ୍ରକାଶ କରୁଥିଲେ । ସେମାନେ ଗ୍ରାମର ଶିଶୁମାନଙ୍କର ପାଠପଢ଼ା ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ମତ ଦେଉଥିଲେ ।

ଗତ ଦୁଇବର୍ଷ ଧରି ପ୍ରାଥମିକ ସ୍ତରର ଶିଶୁମାନଙ୍କର ପାଠପଢ଼ା କାମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ! ଅଭିଭାବକ ନିଜ ଶିଶୁମାନଙ୍କର ବିଦ୍ୟାଳୟ ଶିକ୍ଷାକୁ ନେଇ ଘୋର ଆଶଙ୍କାରେ ଅଛନ୍ତି । ଏହିଭଳି ପରିପ୍ରେକ୍ଷୀରେ ୟୁନିସେଫ୍ ପ୍ରାୟୋଜିତ ସ୍କୁଲ ଇନ୍ ଏ ଭେନ୍ କାର୍ଯ୍ୟକ୍ରମ ହେଉ, କିମ୍ବା 'ମୋ' ସ୍କୁଲ' ପ୍ରାୟୋଜିତ "ପ୍ରାରମ୍ଭ'' ଶିକ୍ଷା କାର୍ଯ୍ୟକ୍ରମ ହେଉ, ବା ଭାରତ ଜ୍ଞାନ ବିଜ୍ଞାନ ସମିତିର ଜନଜାତି ବହୁଳ ଅପହଂଚ ଅଂଚଳରେ ନିଷ୍ଠାପର ଉଦ୍ୟମ ହେଉ, ସେମାନଙ୍କ ନିମନ୍ତେ ସ୍କୁଲ ଇନ୍ ଏ ଭେନ୍ କାର୍ଯ୍ୟକ୍ରମ ବା "ପ୍ରାରମ୍ଭ'' କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଏକ ବିଦ୍ୟାଳୟ ଶିକ୍ଷାକୁ ସଂଯୋଗ କରିବା ନିମନ୍ତେ ସେତୁ ରୂପେ ସହଯୋଗୀ ହୋଇପାରିବ । ଆଦିବାସୀ ଅଂଚଳରେ ଅନେକ ଶିକ୍ଷିତ ଯୁବକ ବାହାରିଲେଣି । ସେମାନଙ୍କୁ ନିଜ ଜାତି, ଭାଷା ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଲେ ଏବଂ ସେମାନଙ୍କୁ ଶିକ୍ଷାଦାନର କୌଶଳ ସମ୍ପର୍କରେ ତାଲିମ ଦେଲେ ଅତି କମ୍‌ରେ ଶିଶୁଟି ଶିକ୍ଷା ପାଇବାରୁ ବଂଚିତ ନହୋଇ ଆନୁଷ୍ଠାନିକ ଶିକ୍ଷା ସହିତ ଯୋଡ଼ି ହୋଇ ରହିପାରିବ ।

-ରାଣୀଗୁଡ଼ା - ରାୟଗଡ଼ା - ୭୬୫୦୦୧, ମୋ: ୯୪୩୮୦୮୧୪୩୦

ଅମର ବଳିଦାନୀ ସ୍ୱାମୀ ଶ୍ରଦ୍ଧାନନ୍ଦ

ଭାରତୀୟ ରାଷ୍ଟ୍ର ଓ ସମାଜ ସମ୍ମୁଖରେ ଯେତେବେଳେ ବି କୌଣସି ପ୍ରକାର ସଙ୍କଟ ଆସିଛି ସେତେବେଳେ ଭାରତରେ ମହାପୁରୁଷମାନେ ତାର ପ୍ରତିକାର କରିଛନ୍ତି । ସେମାନଙ୍କୁ ପ୍ରାଣବଳୀ ମଧ୍ୟ ଦେବାକୁ ପଡିଛି । ଏପରି ଜଣେ ବଳିଦାନୀ ମହାପୁରୁଷ ହେଉଛନ୍ତି ସ୍ୱାମୀ ଶ୍ରଦ୍ଧାନନ୍ଦ । ଭାରତୀୟ ଧର୍ମ ଓ ସଂସ୍କୃତି ପାଇଁ ନିଜର ସର

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍କେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟକ୍ଷଣ୍ଣ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷଣ୍ଣ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଣ୍ଣ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

କେନ୍ଦୁଝର ଜିଲ୍ଲା କାରାଗାରରେ ମାନସିକ ରୋଗ ସଚେତନତା ଶିବିର

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ଯୋଜନା ଆନୁକୂଲ୍ୟରେ ମାନସିକ ରୋଗ ସଚେତନତା ଶିବିର ଏବଂ ମାନସିକ ଚାପ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏମଏଚପି ଟିମ ର ମୁଖ୍ୟ ତଥା ଡିଷ୍ଟ୍ରିକ ପବ୍ଲିକ ହେଲଥ ଅଫିସର ଡାକ୍ତର ଲଲାଟେନ୍ଦୁ ନାୟକ,କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ କୁମାର ମାଝୀ, ପିଏସଡ୍ଡୁ ବିକାଶ ରନ ମହାନ୍ତ,ସ୍

ମୋ ଓଡ଼ିଶା

ମମିତା ମେହେର ହତ୍ୟା ମାମଲା ଓ ଚାଷୀ ସମସ୍ୟା ନେଇ ଗର୍ଜିଲା ଯୁବ କଂଗ୍ରେସ

ଭୁବନେଶ୍ୱର (ପିଏନ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲା ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛି ଯୁବ କଂଗ୍ରେସ। ଏହି ଅବସରରେ ଏକ ବିଶାଳ ପଦଯାତ୍ରା କରାଯାଇଥିଲା। ଏଥିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରନ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ସରକାର ଦୋଷୀକୁ ଘଂଟ ଘୋଡ଼ାଇବାକୁ ତୀବ୍ର ନିନ୍ଦା କରିଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଚିଟ୍‌ଫଣ୍ଡ କାରବାରକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ତେଣୁ ଆସ'। ପଂଚାୟତ ନିର୍ବାଚନରେ ଏଭଳି ଜନବିରୋଧୀ ସରକାରକୁ ଉପଯୁକ୍ତ ଜବାବ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡ. ଲେଙ୍କା କହିଲେ ଯେ କେନ୍ଦ୍ରର ମୋଦି ସରକାର ୨୦୧୪ ସାଧାରଣ ନିର୍ବାଚନ ସମୟରେ ଚାଷୀଙ୍କ ଆୟ ଦୁଇଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ବାଚନ ପରେ ଏ ପର୍ଯ୍ୟ' କେବଳ ଚାଷୀମାରଣ ନୀତି ଆପଣାଇ ଆସିଛି। ପୁଁଜିପତିଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଭୂମି ଅଧିଗ୍ରହଣ ନିୟମ ଆଣିଥିଲେ। କଳା କୃଷି ଆଇନ ଆଣି ଚାଷୀମାରଣ ନୀତିର ପରିଚୟ ଦେଇଥିଲେ। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିଚାଲିଥିବା ବେଳେ ବେକାରୀ ସମସ୍ୟା ଚି'ାର ବିଷୟ ହେଲାଣି। ସେହିପରି ରାଜ୍ୟ ସରକାର ଚିଟ୍ ଫଣ୍ଡ ମାମଲାର ସିବିଆଇ ତଦ' ଭୟରେ କେନ୍ଦ୍ର ସରକାରଙ୍କ ସବୁ ଜନମାରଣ ନୀତିକୁ ସମର୍ଥନ ଦେଇ ଆସୁଛି। ଚିଟ୍ ଫଣ୍ଡ କାରବାରରେ ରାଜ୍ୟ ସରକାରଙ୍କ ବହୁ ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ଉଭୟ ସରକାରଙ୍କ ସଲାସୁତରାରେ ସିବିଆଇ ତଦ' ଶିଥିଳ ହୋଇଯାଉଥିବା ବେଳେ ଜମକାରୀମାନେ ଟଙ୍କା ଫେରି ପାଇବାକୁ ଚାହିଁ ରହିଛି। ବସୁଧା ଯୋଜନାରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ପ୍ରାୟ ୨୮ ହଜାର ଭୂମିହୀନ ପରିବାର ଜମି ପଟା ପାଇବାକୁ ଚାହିଁ ରହିଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁ। ସେହିପରି ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ଓ ପୀଡ଼ିତାକୁ ନ୍ୟାୟ ଦେବାକୁ ସେ ଦାବି କରିଥିଲେ। ନଚେତ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଆୟୋଜିତ ଏହି ବିଶାଳ ପଦଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ରିୟାଜୁଲ ଅନସାରୀ ଯୋଗଦେଇ ଉଭୟ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାଶ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ସମ୍ରାଟ କେଶରୀ ଜେନା, ବିଶ୍ୱଜିତ ଲେଙ୍କା, ମହମ୍ମଦ ଆସିଫ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ସହ ଜିଲ୍ଲା ଯୁବ କଂଗ୍ରେସର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶା ରେଡକ୍ରସ୍ ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ପରିବାର ପରାମର୍ଶ ସଂପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ତରଫରୁ ଅନ୍ଧାରୁଆ ଗାଁରେ, ପରିବାର ପରାମର୍ଶ ସଂପର୍କିତ ଗୋଷ୍ଠୀସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଅନ୍ଧାରୁଆ ଗାଁରେ ଯୁବତୀ ଏବଂ ମହିଳା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜୟାଲକ୍ଷ୍ମୀ କର ପରିବାର ପରାମର୍ଶଦାତ୍ରୀ ସମାଜରେ ଘଟୁଥିବା ପରିବାରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସଂପର୍କରେ ଅବଗତ କରିଥିଲେ। ରେଡକ୍ରସ ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ମାଧ୍ୟମରେ ପରିବାର ର ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଉପରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାର ସହ ଏହାର ନିରାକରଣ ଓ ଏହାପାଇଁ ଉଦ୍ଦିଷ୍ଟଥିବା ଆଇନ ଗତ ଧାରା ଲୋକମାନଙ୍କ ପାଖରେ କିପରି ସହଜରେ ପହଂଚିପାରିବ ସେସଂପର୍କରେ ଶ୍ରୀମତୀ ବିଜୟାଲକ୍ଷ୍ମୀ କର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବାର ପରାମର୍ଶକେନ୍ଦ୍ରର ପରାମର୍ଶଦାତ୍ରୀ ବିଜୟାଲକ୍ଷ୍ମୀ କର ପରିଚାଳନା କରିଥିଲେ।

ଶିକ୍ଷୟତ୍ରୀଙ୍କ ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଧାରଣା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର-ବିଲିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟସ୍ମିତା ଜେନାଙ୍କ ବଦଳି ପ୍ରତିବାଦରେ ସେହି ସ୍କୁଲର ଛାତ୍ରଛାତ୍ରୀମାନେ ୩ଦିନ ଧରି ବିଦ୍ୟାଳୟ ପରିସରରେ ଧାରଣାରେ ବସିରହିଥିବା ଜଣାପଡିଛି। ଏ ସମ୍ପର୍କରେ ଖବର ପାଇବା ପରେବି ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନଥିବା ଛାତ୍ରାଭିଭାବକମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାଇ ସେହି ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କର ବାଟିପଡାସ୍ଥିତ ବଟେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିବାରୁ ଏହାର ପ୍ରତିବାଦରେ ବ୍ରହ୍ମପୁର- ବିଲିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ତେଣୁ ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳିକୁ ତୁରନ୍ତ ବାତିଲ କରାଯିବାକୁ ସେହି ସ୍କୁଲର ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଆଲୋକ କୁମାର ଜେନା, ଉପସଭାପତି ସନ୍ଧ୍ୟାରାଣୀ ପାତ୍ର, ସଭ୍ୟ ଧନେଶ୍ୱର ସୁତାର, ବାବନ ଜେନା, ସନ୍ଦିପ୍ତା ସାହୁଙ୍କ ସମେତ ଛାତ୍ରାଭିଭାବକ ବଉଳଲତା ସ୍ୱାଇଁ, ଭାନୁମତି ସ୍ୱାଇଁ, ମାଧବ ସାହୁ, ରଞ୍ଜିତ କୁମାର ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରଦେଶ ମହିଳା କଂଗ୍ରେସ କର୍ମକର୍ତାମାନଙ୍କୁ ଜିଲ୍ଲା ଦାୟିତ୍ୱ ବଂଟନ

ଭୁବନେଶ୍ୱର (ପିଏନ୍)- ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବାପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା ପ୍ରଦେଶ ମହିଳା କଂଗ୍ରେସ କମିଟିର ଉପ-ସଭାପତି, ସାଧାରଣ ସଂପାଦିକା ଓ ସଂପାଦିକା ମାନଙ୍କ ମଧ୍ୟରେ ଜିଲ୍ଲା ଦାୟୀତ୍ୱ ବଂଟନ କରିଛି। ଏହି କ୍ରମରେ ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲା ନିମନ୍ତେ ଉପସଭାପତି ମୋତି କୈବର୍ତ ଓ ସାଧାରଣ ସଂପାଦିକା ମାଣିକ ସୁନାଙ୍କୁ ଦାୟୀତ୍ୱ ଦିଆଯାଇଥିବା ବେଳେ ମାଲକାନାଗରି ଓ କୋରାପୁଟ ଜିଲ୍ଲା ନିମନ୍ତେ ଉପସଭାପତି ଆଇଶା ବାନୁ, ସଂପାଦିକା ଗିତାରାଣୀ ସାମ', ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ଉପସଭାପତି କୁସୁମ ପ୍ରଧାନ ଓ ସଂପାଦିକା ବୈଶାଳି ବେହେରା, ଗଜପତି ଓ ନୟାଗଡ଼ ପାଇଁ ଉପସଭାପତି ସ୍ୱରୁପା ତ୍ରିପାଠୀ ଓ ସଂପାଦିକା ଅନିତା ମଲ୍ଲିକ, କେନ୍ଦ୍ରାପଡ଼ା ଓ ଭଦ୍ରକ ପାଇଁ ଉପସଭାପତି କନକଲତା ମଲ୍ଲିକ ଓ ସଂପାଦିକା ଉର୍ବଶୀମିଶ୍ର, ଯାଜପୁର ଓ ଜଗତସିଂପୁର ଜିଲ୍ଲା ପାଇଁ ଉପସଭାପତି ଚୌଧୁରୀ ସ୍ନେହଲତା ରାୟ ଓ ସଂପାଦିକା କିରଣବାଳା ମହାଁ, ଢେଙ୍କାନାଳ ଓ ବରଗଡ଼ ପାଇଁ ଉପସଭାପତି ଚାରୁଲତା ସାହୁ ଓ ସଂପାଦିକା ଆଶା ମିନ୍‌ଜ, କେନ୍ଦୁଝର ଓ ବାଲେଶ୍ୱର ପାଇଁ ଉପସଭାପତି ନିରୁପମା ଦାସ ଓ ସଂପାଦିକା ମୋନାଲିସା ଦାସ, ସମ୍ବଲପୁର ଓ ରାଉରକେଲା ପାଇଁ ଉପସଭାପତି ସବିତା ଧିର ଓ ସଂପାଦିକା ସ୍ୱର୍ଣ୍ଣଲତା ବାଆଁରା, ସୁନ୍ଦରଗଡ଼ ଓ ଦେଓଗଡ଼ ପାଇଁ ଉପସଭାପତି ରୁପାଦିପ୍ତା ମହାପାତ୍ର ଓ ସଂପାଦିକା କଲ୍ୟାଣି ପୂର୍ତି, ବଲାଙ୍ଗିର ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଶ୍ରୀୟା ସମ୍ବେଦନା ଓ ଦୌପ୍ରଦୀ ମାଝୀ, ଝାରସୁଗୁଡ଼ା ଜିଲ୍ଲା ପାଇଁ ସାଧାରଣ ସଂପାଦିକା ସବିତା ଆପଟ ଓ ସଂପାଦିକା ଫିଲଚିତା ଚେରୁଓ୍ୱା, ମୟୁରଭ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ରିନା ସ୍ୱାଇଁ ଓ ସଂପାଦିକା ସୁନନ୍ଦା ସାହୁ, କନ୍ଧମାଳ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଏମ. ଏ ପରଓ୍ୱିନ ଓ ସଂପାଦିକା ସୁଜ୍ଞାନୀ ପଟ୍ଟନାୟକ, ବୌଦ୍ଧ ଜିଲ୍ଲା ପାଇଁ ମୁନି ଥାପ୍ପା ଓ ସଂପାଦିକା ଶାଇବଣୀ କହଁର, ସୋନପୁର ଓ ଅନୁଗୁଳ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ସରୋଜିନି ବାର୍କା, ସଂପାଦିକା ହେଲେନା ବାଗ, କଟକ ନଗର କଂଗ୍ରେସ ପାଇଁ ସାଧାରଣ ସଂପାଦିକା ଚୈତାଳି ପଟ୍ଟନାୟକ ଓ ସଂପାଦିକା ଶ୍ରିୟାସ୍ମିତା ପଣ୍ଡା ଅଫିସ ପ୍ରୋଟକଲ ଦାୟିତ୍ୱ ଦିଆଯାଇଛି। କଳାହାଣ୍ଡି ଜିଲ୍ଲା ପାଇଁ ସାଧାରଣ ସଂପାଦିକା ବିଶ୍ୱକଲ୍ୟାଣି କର ଓ ସଂପାଦିକା ସ୍ନେହଲତା ନାଗ, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପାଇଁ ସାଧାରଣ ସଂପାଦିକା ଅନ୍ନପୂର୍ଣ୍ଣା ସାହୁ ଓ ସଂପାଦିକା ମମତା ନାୟକ ସେହିପର ଭୁବନେଶ୍ୱର ଓ ଗାମ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଏଲ ମାଣିକ ପ୍ରଭା ଓ ସଂପାଦିକା କାଜଲ ସାହୁ ଓ କଟକ ଜିଲ୍ଲା ପାଇଁ ସାଧାରଣ ସଂପାଦିକା ଦିପ୍ତିରାଣୀ ପ୍ରଧାନ ଓ ସଂପାଦିକା ଶ୍ରିୟାସ୍ମିତା ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛି।

ଜିଲ୍ଲା ଜଜ୍ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ଜଜ୍ କୋର୍ଟ ଓ ତାଲୁକ ଆଇନ ସେବା କେନ୍ଦ୍ର ଜଳେଶ୍ୱର, ସୋର, ନୀଳଗିରି, ବସ୍ତା ଏବଂ ଭୋଗରାଇ ଗ୍ରାମୀୟ ନ୍ୟାୟାଳୟ ଠାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ଜିଲ୍ଲା ଆଇନ ସେବା ପ୍ରାଧି କରଣ ଅଧ୍ୟକ୍ଷ ଭଗବାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୬୭ ଟି ମାମଲାର ଫଇସଲା ହୋଇଥିଲା। ଏ ବାବଦକୁ ୫ କୋଟି ୧୮ ଲକ୍ଷ ଟଙ୍କା ଆଦାୟ ହୋଇଛି। ଫଇସଲା ହେଇଥିବା ୪୬୭ ଟି ରୁ ୨୭୭ ଟି ଦେଓ୍ୱାନୀ, ୫୧ ଟି ଚେକ୍ ବାଉନ୍ସ, ୪ ଟି ବ୍ୟାଙ୍କ ରିକଭରୀ, ୭୦ ଟି ମୋଟର ଯାନ ଦୁର୍ଘଟଣା, ୪୨ ଟି ବୈବାହିକ ଜନିତ ମାମଲା ରହିଛି। ଚେକ୍ ବାଉନ୍ସ ମାମଲା ବାବଦକୁ ୮୪ ଲକ୍ଷ ୭୯ ହଜାର ୩୦୬ ଟଙ୍କା, ବ୍ୟାଙ୍କ ଋଣ ଆଦାୟ ୧୧ ଲକ୍ଷ ୨୩ ହଜାର ୭୪୨ ଟଙ୍କା, ମୋଟର ଯାନ ଜନିତ ଦୁର୍ଘଟଣା ବାବଦକୁ ଦୁଇ କୋଟି ୯୨ ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହା ବ୍ୟତିତ ପ୍ରାକ୍ ମୋକଦମା ଜନିତ ୪୮୮ ଟି ବ୍ୟାଙ୍କ ମୋକଦମା ଫଇସଲା କରାଯାଇ ଏକ କୋଟି ୨୯ ଲକ୍ଷ ୭୯ ହଜାର ୨୯୦ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତକୁ ଆଇନ ସେବା ପ୍ରାଧି କରଣ ସଚିବ ବିଷ୍ଣୁ ଦେବ ଜେନା ପରିଚାଳନା କରିଥିଲେ।

କଟକ ଜିଲା କର୍ମଜୀବୀ ସାମ୍ବାଦିକ ସଂଘ ବୈଠକ

ଫୁଲନଖରା (ପିଏନ୍)-କଟକ ଜିଲା କର୍ମଜୀବୀ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ସଦର ଥାନା କୁରାଙ୍ଗଶାସନସ୍ଥ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଲଳିତକୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ସାଧାରଣ ସମ୍ପାଦକ ପବିତ୍ରକୁମାର ପାତ୍ର, ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ସରକାରୀ ଓକିଲ କବିନାରାୟଣ ଜେନା ପ୍ରମୁଖ ଅତିଥିରୂପେ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମାରୁ ବାଦ ପଡ଼ିଥିବା ସାମ୍ବାଦିକଙ୍କୁ ଯୋଜନାରେ ଅ'ର୍ଭୁକ୍ତ କରିବା ନେଇ ସଂଘ ଉଦ୍ୟମ କରିବବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ଅଡ଼ିଟର ସୁବାସ ମହାପାତ୍ର, ସୁବାସ ନାୟକ, ଅନିଲ ଦାସ, କାନନବିହାରୀ ନାୟକ, ରାଜକିଶୋର ବେହେରା, ଦୀପ୍ତିରନ ଶତପଥି, ଗଣେଶଚନ୍ଦ୍ର ବରାଳ, ଗୌରାଙ୍ଗଚରଣ ରାଉତ, ଅଜୟ ସାବୁତ, ସୁବାସ ମହାପାତ୍ର, ଶଶିଭୂଷଣ ଦାଶ, ଅମିତ ପରିଜା, ସତ୍ୟରଂଜନ ଦାସ ମହାପାତ୍ର, ରାକେଶ ହୋତା, ଅଜୟ ଦାଶ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକାଶ ନନ୍ଦଙ୍କୁ ଜିଲା ସାଧାରଣ ସମ୍ପାଦକ ଓ କବିନାରାୟଣ ଜେନାଙ୍କୁ ଆଇନ ପରାମର୍ଶଦାତାଭାବେ ସଂଘ ଘୋଷଣା କରିଥିଲା। ଆସ'। ମାର୍ଚ୍ଚ ମଧ୍ୟରେ ସଂଘର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ହେବା ସହିତ ଭାରତୀୟ କର୍ମଜୀବୀ ସାମ୍ବାଦିକ ସଂଘର ହେବାକୁ ଥିବା ରାଜ୍ୟସ୍ତରୀୟ ଦୁଇଦିନିଆ ପ୍ୟାନେଲରେ ଜିଲାରୁ ବହୁ ସଂଖ୍ୟକ ସାମ୍ବାଦିକ ଯୋଗଦେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ପ୍ରକାଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ଦୂରଦୃଷ୍ଟି ବାର୍ଷିକ ଉତ୍ସବ ୨୩ରେ

ଭୁବନେଶ୍ୱର(ପିଏନ୍): ଭୁବନେଶ୍ୱର ଦୂରଦୃଷ୍ଟି ସାପ୍ତାହିକ ଖବରକାଗଜର ପଂଚମ ସ୍ୱନକ୍ଷତ୍ର ଉତ୍ସବ ଏବଂ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଡିସେମ୍ବର ୨୩ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ଦୂରଦୃଷ୍ଟିର ବାର୍ଷିକ ପତ୍ରିକା ଉନ୍ମୋଚନ ହେବା ସହ ଦୂରଦୃଷ୍ଟି ଖବରକାଗଜ କଲମକୁ ସାମାଜିକ ସଂଗ୍ରାମ ମାଧ୍ୟମ ଏବଂ କଲମକୁ ଅହିଂସା ସଂଗ୍ରାମର ମାର୍ଗଦର୍ଶକ ଭାବେ ଭାବୁଥିବାରୁ ପ୍ରତ୍ୟେକ ବର୍ଷ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁଙ୍କୁ 'ଦୂରଦୃଷ୍ଟି କଲମ ସମ୍ମାନ'ରେ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ 'ଦୂରଦୃଷ୍ଟି ପ୍ରତିଭା ସମ୍ମାନ' 'ଦୂରଦୃଷ୍ଟି ସମାଜସେବୀ ସମ୍ମାନ' ଓ 'ଦୂରଦୃଷ୍ଟି ବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡ. ଦାମୋଦର ରାଉତ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଆଇଓସିଏଲ୍‌ର ନିର୍ଦ୍ଦେଶକ ସୁଦୀପ୍ତ କୁମାର ରାୟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଓ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ ଅତିଥି ଭାବେ ଯୋଗଦେବେ।

ସାଇଡ୍‌ମରାକୁ ନେଇ ଗାଡି ଭଙ୍ଗାରୁଜା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଜାରକା ଛକ ନିକଟରେ ସାଇଡ୍‌ମରାକୁ ନେଇ ଏକ ଟାଟା ଏସିଇ ଗାଡି ଭଙ୍ଗାରୁଜା ହୋଇଛି। ଏ ସଂପର୍କରେ ଗାଡି ଚାଳକ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ଜାରକା ଛକ ନିକଟରେ ଏକ ଟାଟା ଏସିଇ ଗାଡି ବାଇକ୍‌କୁ ସାଇଡ୍ ମାରି ଚାଲିଯାଉଥିଲା। ଏହାକୁ ନେଇ ଦୁଇ ଯୁବକ ଓ ଗାଡିଚାଳକ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଉଭୟ ଯୁବକ ଗାଡି କାଚ ଭଙ୍ଗାରୁଜା କରିଥିଲେ। ଏଥିରେ ଦୁଇ ଯୁବକ ଆହତ ହୋଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟ

ମୋ ସହର

ସ୍ୱାଭିମାନୀ କେନ୍ଦ୍ରାପଡା ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ):ସ୍ୱାଭିମାନୀ କେନ୍ଦ୍ରାପଡା ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲାର ସ୍ୱାସ୍ଥ୍ୟସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସାଧାରଣ ଜନତା ସରକାରୀ ଡାକ୍ତରଖାନାରେ ଆବଶ୍ୟକୀୟ ସୁବିଧା ସୁଯୋଗ ପାଉନଥିବାରୁ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଛି । ସେହିପରି ଡାକ୍ତଖାନାର ବହୁ ସହାୟକ ପଦବୀ ମଧ୍ୟ ଦୀର୍ଘବର୍ଷ ଧରି ଖାଲିପଡିଛି । ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମଧ୍ୟ ସମାନ ଅବସ୍ଥା ପରିଲିଖିତ ହୋଇଛି । ଜିଲ୍ଲାର ସମସ୍ତ ଡାକ୍ତରଖାନାରେ କୁକୁର କାମୁଡା ଇଞ୍ଜେକସନ ଉପଲବ୍ଧ ହେଉନାହିଁ । ଜିଲ୍ଲା ଡାକ୍ତରଖାନାରେ ଆବଶ୍ୟକ ଚିକିତ୍ସା ଉପକରଣ ଓ ଅତ୍ୟାଧୁନିକ ଭିତ୍ତିଭୂମୀର ଅଭାବ ଥିବାରୁ ଏହା ରୋଗୀମାନଙ୍କୁ ନିରାଶ କରୁଛି । ସେହିପରି ପୌରାଞ୍ଚଳ ସମେତ ଜିଲ୍ଲାର ସମଗ୍ର ଗ୍ରାମାଞ୍ଚଳ ଗୁଡିକରେ ରାସ୍ତାଘାଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । କେନ୍ଦ୍ରାପଡା ସହରର ମୁଖ୍ୟ ରାସ୍ତାଟି ବର୍ଷ ବର୍ଷ ଧରି ମରାମତି ହେଉନଥିବାରୁ ସାଧାରଣ ଯାତ୍ରାଟି ନାନା ଅସୁବିଧାର ସମ୍ମୁଖୀନ ହେଉଛି । ପୌରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ହେଉନଥିବାରୁ ସହର ସାରା କୁଢ କୁଢ ଆବର୍ଜନା ଜମି ରହି ପରିବେଶ ଦୁଷିତ କରୁଛି । ଜିଲ୍ଲାରେ ସବୁଜ ବଳୟ ସୃଷ୍ଟି ଓ ପରିବେଶ ସୁରକ୍ଷା ଦିଗରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଏବଂ କରୋନା ମହାମାରୀ ସମୟରେ ସରକାରୀ ଅର୍ଥରେ ପ୍ରବାସୀ ଶ୍ରମିକଙ୍କ ଦ୍ୱାରା ରୋପଣ କରାଯାଇଥିବା ଚାରା ତାର ଅସ୍ତିତ୍ୱ ହରାଇବସିଥିବା ଅଭିଯୋଗ ହୋଇଛି । ତେଣୁ ଏହିସବୁ ମୌଳିକ ସମସ୍ୟାର ସମାଧାନ ସହ ଏକ ସମୃଦ୍ଧ କେନ୍ଦ୍ରାପଡା ଗଠନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରାଯିବାକୁ ରାଜ୍ୟପାଳଙ୍କୁ ନିବେଦନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଡଃ. କଳ୍ପନା ମଲ୍ଲିକଙ୍କ ସମେତ ଦିଲ୍ଲିପ ବିଶ୍ୱାଳ, ଗୋଲଖ ବିହାରୀ ପାତ୍ର, ମାଧବ ମଳିକ, ବୀକ୍ରମ ଖଣ୍ଡେଇ, ଜିଲ୍ଲା ପରିଷଦ ସଦସ୍ୟ ଦେବାଶିଷ ଦାସ, ଅମର ବିଶ୍ୱାଳ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ ।

ଇଡ୍ କୋରେ ନିଯୁକ୍ତି ପାଇଲେ ୨୫ ଜଣ ଡେପୁଟି ମ୍ୟାନେଜର

ଭୁବନେଶ୍ୱର, (ପି.ଏନ): ଇଡକୋରେ ୨୫ ଜଣଙ୍କୁ ଡେପୁଟି ମ୍ୟାନେଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଶିଳ୍ପ, ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଜ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଇଡ୍‌କୋ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ ଅଧିକାରୀମାନଙ୍କୁ ସମ୍ବୋଧନ କରି ଓଡ଼ିଶାର ଚିତ୍ର ବଦଳାଇବାରେ ଓଡ଼ିଶା ଉଦ୍ୟୋଗିକ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ପ୍ରମୁଖ ଭୂମିକା ନେଇଛି ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପ୍ରକାଶ କରିଥିଲେ ।

ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ଘଷିପୁରା,(ପି.ଏନ):କ୍ରମଶଃ ଶୀତର ପ୍ରକୋପ ବଢୁ ଥିବାରୁ ଗରୀବ ଅସହାୟ ମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଘଷିପୁରା ବ୍ଲକ ଅନ୍ତର୍ଗତ ଗୋହିରା ଗ୍ରାମରେ ଆର.ଏସ.ଏସ. ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସ୍ଥାନୀୟ ଗରୀବ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୋହିରା ପଂଚାୟତର ଯୁବ ସମାଜସେବୀ ଅଟଳ ବିହାରୀ ମହାନ୍ତି, ଯଶସ୍ୱନୀ ବଳ, ଜୟ ବଡାମ ବିକାଶ ମଂଚର ସଦସ୍ୟ ଟୁନା ନାଇକ, ରବି ନାଇକ, ରମେଶ ନାଇକ, ବିଜୁ ନାଇକ, ସୁବାଷ ନାଇକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

ସରପଂଚଙ୍କ ପିତୃ ବିୟୋଗ

ଧର୍ମଶାଳା,(ପିଏନ୍):ଧର୍ମଶାଳା ବ୍ଲକ ଅଭୟପୁର ପଂଚାୟତର ସରପଂଚଙ୍କ ବାପା ତଥା ବିଶିଷ୍ଟ ବ୍ୟବସାୟୀ ପଦ୍ମଲୋଚନ ସାହୁ (୮୨)ଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ । ହେଲେ ଗତକାଲି ରାତି ପ୍ରାୟ ୯ଟା ସମୟରେ ତାଙ୍କର ପରଲୋକ ହୋଇଥିଲା । ସେ ଧର୍ମଶାଳା ଅଂଚଳର ଜଣେ ବଡ ବ୍ୟବସାୟୀ ହୋଇଥିବା ବେଳେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବଡପୁଅ ତଥା ଅଭୟପୁର ପଂଚାୟତର ସରପଂଚ ଶ୍ୟାମସୁନ୍ଦର ସାହୁ ଓ ସାନପୁଅ ଶରତ କୁମାର ସାହୁ, ବୋହୂ, ଝିଅ ଓ ନାତିନାତୁଣୀ ଉପସ୍ଥିତ ରହିଥିଲେ । ଖବର ପାଇ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ । ଆଜି ପୂର୍ବାହ୍ନରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ଶ୍ମଶାନକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଶ୍ୟାମସୁନ୍ଦର ସାହୁ ମୁଖାଗ୍ନି ଦେଇଥିଲେ ।

ନିରତାର ନିର୍ଦ୍ଦେଶକ ମାମଲା : ରିଟ୍ ପିଟିସନ୍ ଖାରଜ କରି ପୂର୍ବ ରାୟକୁ କାଏମ ରଖିଲେ ହାଇକୋର୍ଟ

କଟକ/ଭୁବନେଶ୍ୱର, (ପି.ଏନ): ପାଂଚବର୍ଷ ଡେପୁଟେସନ ଅବଧି ପୂରିଯିବା ପରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନ (ନିରତାର)ର ନିର୍ଦ୍ଦେଶକ ପଦରେ ରହିବାର ଅଧିକାର ଡାକ୍ତର ଶକ୍ତି ପ୍ରସାଦ ଦାସଙ୍କର ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍ . ମୁରଲୀଧର ଓ ବିଚାରପତି ଏ. କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ସ୍ପଷ୍ଟ କରିଦେଇଛନ୍ତି । ଡାକ୍ତର ଦାସଙ୍କ ପକ୍ଷରୁ ଦାଖଲ ରିଟ୍ ଅପିଲକୁ ଖାରଜ କରିଦେଇ ଖଣ୍ଡପୀଠ ପୂର୍ବରୁ ବିଚାରପତି ଡକ୍ଟର ବି.ଆର୍. ଷଡ଼ଙ୍ଗୀଙ୍କଦ୍ୱାରା ପ୍ରଦତ ରାୟକୁ କାଏମ ରଖିଛନ୍ତି ।ଘଟଣାରୁ ପ୍ରକାଶ ଯେ, ଡାକ୍ତର ଦାସ ୨୦୧୬ ଜାନୁଆରୀ ୨୮ରେ ନିରତାରର ନିର୍ଦ୍ଦେଶକ ପଦରେ ତିନିବର୍ଷ ପାଇଁ ଡେପୁଟେସନ ଭିତିରେ ଯୋଗଦେଇଥିଲେ । ପରେ କେନ୍ଦ୍ର ସରକାରଙ୍କଦ୍ୱାରା ଡେପୁଟେସନ ଅବଧିକୁ ଆଉ ଦୁଇବର୍ଷ ବଢ଼ାଇଦିଆଯାଇଥିଲା । ମୋଟ ପାଂଚବର୍ଷ ଡେପୁଟେସନ ସମୟ ୨୦୨୧ ଜାନୁଆରୀ ୨୭ରେ ପୂରିଯାଉଥିବାରୁ କାର୍ଯ୍ୟକାଳ ପୁଣି ଦୁଇବର୍ଷ ବୃଦ୍ଧି କରିବା ପାଇଁ ସେ ଦରଖାସ୍ତ କରିଥିଲେ । ମାତ୍ର ତାହା ନକରି ସରକାର ନିୟମିତ ନିର୍ଦ୍ଦେଶ ନିଯୁକ୍ତି ପର୍ଯ୍ୟନ୍ତ ତାଙ୍କୁ ସାମୟିକ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସଙ୍ଗେସଙ୍ଗେ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସର୍ବଭାରତୀୟ ସ୍ତରରେ ବିଜ୍ଞାପନ ଜାରିକରି ଦରଖାସ୍ତ ଆହ୍ୱାନ କରିଥିଲେ । ମାତ୍ର ବିଜ୍ଞାପନକୁ ରଦ୍ଦ କରି ତାଙ୍କ ଡେପୁଟେସନ ଅବଧିକୁ ଆଉ ଦୁଇବର୍ଷ ବଢ଼ାଇଦେବା ପାଇଁ ଆବେଦନ କରି ଡାକ୍ତର ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ନଭେମ୍ବର ୧୬ରେ ବିଚାରପତି ଡକ୍ଟର ଷଡ଼ଙ୍ଗୀ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଦେଇଥିଲେ । ତାଙ୍କ ରାୟ ବିରୋଧରେ ଡାକ୍ତର ଦାସ 'ଡିଭିଜନ ବେଂଚ'ରେ ରିଟ୍ ଅପିଲ ଦାଖଲ କରିଥିଲେ । ଗତକାଲି ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର ଓ ବିଚାରପତି ଏ.କେ. ମହାପାତ୍ରଙ୍କ ଖଣ୍ଡପୀଠରେ ଏହାର ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଏସ୍‌ଜି ପ୍ରସନ୍ନ କୁମାର ପାଢ଼ୀ କୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବିଜ୍ଞାପନ ଅନୁସାରେ ନୂତନ ନିର୍ଦ୍ଦେଶକ ନିଯୁକ୍ତି ପାଇଁ କାର୍ଯ୍ୟ ଚାଲିଛି ଏବଂ ଶୀଘ୍ର ଏହି ପ୍ରକ୍ରିୟା ଶେଷ ହେବ । ଆବେଦନକାରୀ ଡାକ୍ତର ଦାସଙ୍କ ତରଫରୁ ଆଡ଼ଭୋକେଟ ବିଭୁପ୍ରସାଦ ଦାସ ମାମଲା ପରିଚାଳନା କରୁଥିଲେ ।

ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ କେବଳ ନିର୍ବାଚନୀ ପ୍ରଚାର ଧୂଆଁବାଣ

ଭୁବନେଶ୍ୱର, (ପି.ଏନ): ବିଧାନସଭା ଆସିଲେ ନାହିଁ, କିନ୍ତୁ ବ୍ୟାପକ ଅର୍ଥ ଖର୍ଚ୍ଚ କରି ଜିଲ୍ଲା ଜିଲ୍ଲା ବୁଲି ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ କଲେ ମୁଖ୍ୟମନ୍ତ୍ରୀ । ମୂଲ୍ୟହୀନ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ କେବଳ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ବାଚନୀ ପ୍ରଚାରର ଅସ୍ତ୍ର ସାଜିଛି । ଉଭୟ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଏବଂ ବିଏସକେୱାଇ ଯୋଜନା କେବଳ ନିର୍ବାଚନୀ ପ୍ରଚାର ଧୂଆଁବାଣ । ଏହା ଦ୍ୱାରା ନା ରୋଗୀ ନା ଚିକିତ୍ସା ଯୋଗାଉଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପକୃତ ହେବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ସିଧାସଳଖ ଅଭିଯୋଗ କରିଛନ୍ତି ।କମ୍ ପରିମାଣ ଅର୍ଥରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସମ୍ଭବ ନୁହେଁ ବୋଲି କହି ରାଜ୍ୟ ସରକାରଙ୍କ ବିଏସକେୱାଇ ଯୋଜନାରେ ରହିଥିବା ଚିକିତ୍ସା ସୀମା ଖର୍ଚ୍ଚକୁ ଘରୋଇ ଡାକ୍ତରଖାନା ପ୍ରତିଷ୍ଠାନ ବିରୋଧ କରିଛି । ଏହି ଯୋଜନାରେ ମହିଳାଙ୍କ ପାଇଁ ସର୍ବାଧିକ ୧୦ ଲକ୍ଷ ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ରହିଥିବା ରାଜ୍ୟ ସରକାରଙ୍କ ଘୋଷଣା ଆଦୌ ସତ ନୁହେଁ । କେଉଁ କେଉଁ ରୋଗର ଚିକିତ୍ସା କରାଯାଇପାରିବ ଏବଂ ଧାର୍ଯ୍ୟ ଚିକତ୍ସା ଖର୍ଚ୍ଚ ଉଲ୍ଲେଖ ହୋଇନାହିଁ । ପୋଡାଜଳା, ହୃଦରୋଗ, ମାନସିକ ବିକୃତ, କର୍କଟ ରୋଗ, ଯକୃତ ରୋଗ ଭଳି ବ୍ୟୟବହୁଳ ରୋଗ ପାଇଁ ଚିକିତ୍ସା ଯୋଗାଇବା ସମ୍ଭବ ନୁହେଁ ବୋଲି ଘରୋଇ ଚିକିତ୍ସା ଅନୁଷ୍ଠାନ ଘୋଷଣା କରିସାରିଛି । ବିଏସକେୱାଇ ଯୋଜନାରେ ୨୪୦ଟି ଘରୋଇ ଡାକ୍ତରଖାନା ପଂଜିକୃତ କରିଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି । ଅନ୍ୟ ପଟେ ଘରୋଇ ଡାକ୍ତରଖାନା ଏହି ଯୋଜାନରେ ଅନ୍ତର୍ଭୁକ୍ତ ହେବାକୁ ସିଧାସଳଖ ବାରଣ କରୁଛନ୍ତି । ଏହା ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ ପ୍ରତାରଣା ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି ।ବାରମ୍ବାର ମିଛ କହି ରାଜ୍ୟବାସୀଙ୍କୁ ପ୍ରତାରଣା କରିଆସୁଥିବା ରାଜ୍ୟ ସରକାରଙ୍କ ଆଉ ଏକ ମିଥ୍ୟା ପୁଣି ଧରା ପଡିଲା । ସେବା ଓ ସୁବିଧା ନ ଯୋଗାଇ କେବଳ ଘୋଷଣାରେ ବଡ ବଡ ଯୋଜନା କରି ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ନାଟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ଦ କରନ୍ତୁ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି ।

୪ ବଖରା ଘର ପୋଡି ପାଉଁଶ

ହରିଚନ୍ଦନପୁର,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମ ପଂଚାୟତର ସତ୍ୟପାଳ ଗ୍ରାମରେ ପ୍ରଭାସ ଚନ୍ଦ୍ର ଦାସଙ୍କ ଘରେ ଇଲେକ୍ଟ୍ରି ସର୍ଟସର୍କିଟ୍ ହେବାର ୪ ବଖରା ଚାଳ ଘର ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ ୨୦ତାରିଖ ରାତି ୧୦ଟା ସମୟରେ ଏହି ଘଟଣା ଘଟିଥିଲା । ନିଆଁ ଲାଗିବା ଫଳରେ ଘରେ ଥିବା ଧାନ, ଚାଉଳ, ଘରୋଇ ସରାମ, ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଛି । ଘର ପୋଡିଯିବା ଫଳରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ପରିବାର ସଦସ୍ୟ ସରକାରୀ ସହାୟତା ପାଇବା ପାଇଁ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ବ୍ଲକ ପ୍ରଶାସନଙ୍କ ଆହ୍ୱାନକ୍ରମେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଭାଗ-୨ ରେ ଝୁମ୍ପୁରା ଗୋଷ୍ଠୀକେନ୍ଦ୍ରର କର୍ମଚାରୀ ସାମିଲ ହୋଇ , ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ପବିତ୍ର କୁମାର ପତିଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପରିପେକ୍ଷୀରେ ମାସ୍କ ବଂଟନ , ରକ୍ତହୀନତା ପାଇଁ ଆଇରନ୍ ବଟିକା ଖାଇବା, ନିଜ ଚାରିପାଖ ସଫାସୁତୁରା ରଖିବା,ଅଳିଆ ଆବର୍ଜନା ସବୁ କୁଣ୍ଡରେ ପକାଇବା ଏବଂ ସମ୍ଭାବ୍ୟ କରୋନାର ତୃତୀୟ ଲହାର ର ସଚେତନତା କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆୟୁଷ ମେଡିକାଲ ଅଧିକାରୀ ଡା.କ୍ଷୀରୋଦ କୁମାର ମହାନ୍ତ, ଫର୍‌ମାସିଷ୍ଟ ତୃପ୍ତିରଂଜନ ସେଠି, ବିପିଏମ ଦକ୍ସା ଚାଉଡାଙ୍କ ସମେତ ଆଶା,ଅଙ୍ଗନବାଡୀ କର୍ମୀ ଏବଂ ମେଡିକାଲ ର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

କଂସାର ପଞ୍ଚାୟତରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଉଦଘାଟିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ କଂସାର ପଞ୍ଚାୟତ ସରପଞ୍ଚପ୍ରଦ୍ୟୁମ୍ନ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହକୁ ଉଦଘାଟନ କରିଥିଲେ । ୩୪ଲକ୍ଷ ଟଙ୍କା ବ୍ୟୟ ଅଙ୍କଳରେ ଏହି ମାର୍କେଟ କମ୍ପ୍ଲେକ୍ସରେ ୧୪ଟି ଦୋକାନ ଗୃହ ନିର୍ମିତ ହୋଇଥିବା ସରପଞ୍ଚ ଶ୍ରୀ ଜେନା ସୂଚନା ଦେଇଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା, ସହକାରୀ ଯନ୍ତୀ ଆକୁଳି ଚରଣ ସାହୁ, କନିଷ୍ଠ ଯନ୍ତୀ ବନ୍ଦିତା ବେହୁରା, ଦିପ୍ତିରଞ୍ଜନ ମହାପାତ୍ର, ଚନ୍ଦ୍ରକାନ୍ତ ବେହେରା, ବଂଶୀଧର ସାମଲ, ଉତ୍ତମ ସ୍ୱାଇଁ, ଶ୍ରୀବତ୍ସ ସ୍ୱାଇଁ, ଗିରିଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଜୈନ ଦର୍ଶନ :ମନନ ଓ ମୀମାଂସା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର, (ପି.ଏନ): ଭାରତୀୟ ଚିଂତନ , ମନନ, ଦର୍ଶନ ଓ ଜୀବନଶୈଳୀରେ ଜୈନ ଦର୍ଶନର ବିଶେଷ ପ୍ରଭାବ ରହିଛି । ଆଚାର୍ଯ୍ୟ ମହାପ୍ରଜ୍ଞ ବିଶ୍ୱର ଜଣେ ପ୍ରଖ୍ୟାତ ଦାର୍ଶନିକ ଓ ଜୈନ ଦର୍ଶନର ବ୍ୟାଖ୍ୟାକାର । ସେ ସାମ୍ପ୍ରତିକ ଜୀବନଚର୍ଯ୍ୟାକୁ ପରିଛନ୍ନ ଓ ପରିପୁଷ୍ଟ କରିବା ପାଇଁ ଯେଉଁ ବିଚାରଧାରା ପ୍ରସ୍ତୁତ କରିଛନ୍ତି ତାହା ସମସ୍ତଙ୍କର କାମ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି ।

ମହିଳା ମହାବିଦ୍ୟାଳୟରେ ସ୍ୱାଗତସମ୍ବର୍ଦ୍ଧନା ଉତ୍ସବ

ଘଷିପୁରା, (ପି.ଏନ): ଆନନ୍ଦପୁର ଶାଳପଡା ସ୍ଥିତ କନକ ମରୀ ମହିଳା ମହାବିଦ୍ୟାଳୟ ଓଡିଆ ସମ୍ମାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। +୩ ଦ୍ୱିତୀୟ ଓ ତୃତୀୟ ବର୍ଷର ସ୍ନାତକ ଶ୍ରେଣୀର ଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅଭିମାନୀ ପ୍ରିୟଦର୍ଶିନୀ ବ୍ରହ୍ମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ନିଷ୍ଠାର ସହ ପରିଶ୍ରମ କରି ମହାବିଦ୍ୟାଳୟର ସମ୍ମାନ ରଖିବାକୁ ପରାମର୍ଶ ଦେଇଥିଲେ । ଏହି କ୍ରମରେ ଓଡିଆ ବିଭାଗରେ ନୂତନ ଭାବେ ଯୋଗ ଦେଇଥିବା ଅତିଥି ଅଧ୍ୟାପିକା ଦିପ୍ତୀମୟୀ ମିଶ୍ର,ଶୀତଲ ଜେନାଙ୍କୁ ଛାତ୍ରୀମାନେ ସ୍ୱାଗତ କରିଥିଲେ । ଶେଷରେ ଅଧ୍ୟାପିକା ଦିପ୍

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Bhubaneswar Thursday December 23, 2021 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୨୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଚିକୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ଧର୍ମଶାଳା,(ପିଏନ୍):ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୋବଳ ଖେଳପଡିଆରେ ଆଜି ଚିକୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଆଜିର ଉଦଘାଟନୀ ମ୍ୟାଚରେ ତେଲବାହାଳି ଟିମ କାଏମା ଏକାଦଶକୁ ୬ ଉଇକେଟରେ ପରାସ୍ତ କରିଛି । ଗତ କିଛି ମାସ ତଳେ ଧର୍ମଶାଳା କଲେଜର ଖେଳ ଶିକ୍ଷକ ତଥା ପୋବଳ ଗ୍ରାମର ସୋମ୍ୟ ରନ ପ୍ରତାପ ସିଂ (ଚିକୁ)ଙ୍କ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ତାଙ୍କରି ସ୍ମୃତିକୁ ଉଜ୍ଜିବିତ କରି ରଖିବା ପାଇଁ ସ୍ଥାନୀୟ ଯୁବକ ସଙ୍ଘ ପକ୍ଷରୁ ଏହି କ୍ରିକେଟ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଇଛି । ଆଜିର ଉଦଘାଟନୀ ଉତ୍ସବରେ ସମାଜସେବୀ ବଳରାମ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଯଯାତୀ କେଶରୀ ରାଉତ ଓ ପ୍ରମୋଦ କୁମାର ନାୟକ ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ସେଠାରେ ଧର୍ମଶାଳା ମାହାବିଦ୍ୟାଳୟର ପୁର୍ବତନ ଖେଳ ଶିକ୍ଷକ ସୋମ୍ୟ ରନ ପ୍ରତାପ ସିଂ (ଚିକୁ)ଙ୍କ ପ୍ରତିମୁର୍ତି ଉନ୍ମୋଚନ କରିଥିଲେ । ବ୍ରୁମୁନ, ତେଲବାହାଳି ଟିମ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୪ ଉଇକେଟ ହରାଇ ୨୨୦ ରନ କରିଥିଲେ । ଦଳ ପକ୍ଷରୁ କୁଲୁନ ସାମଲ ୧୩୧ରନ ସଂଗ୍ରହ କରିଥିଲେ । ବିପକ୍ଷ କାଏମା ଦଳର ଏସକେ ସୋନୁ ୩ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ କାଏମା ଏକାଦଶ ବ୍ୟାଟିଂ କରି ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ରନ କରି ପରାସ୍ତ ହୋଇଥିଲା । ଆଜିର ମ୍ୟାଚକୁ ସୁଶାନ୍ତ ନାୟକ ଓ ତପନ ନାୟକ ପରିଚାଳନା କରିଥିଲେ ।

ଅସ୍ୱାଭାବିକ ଭାବେ ଡ୍ରାଇଭର ମୃତ

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ଥାନା ଅର୍ନ୍ତଗତ ବାଲିବନ୍ଧ ଗ୍ରାମରେ ମଙ୍ଗଳବାର ଦିନ ଘଟିଛି ଏକ ଅଭାବନୀୟ ଘଟଣା । ସେହି ଗ୍ରାମର ସନ୍ତୋଷ କୁମାର ପାତ୍ରଙ୍କ ପୁଅ ବିଦ୍ୟାଧର ପାତ୍ର (୩୨ବର୍ଷ)ର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି । ସୂଚନା ମୁତାବକ ଓଡିଶା ଡ୍ରାଇଭର ମହାସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ ବିଦ୍ୟାଧର ପାତ୍ର । ବାଲିବନ୍ଧ ଗ୍ରାମପଚାଂୟତ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଦିନ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଡ୍ରାଇଭର ବିଦ୍ୟାଧର ପାତ୍ର ଯୋଗଦାନ ଦେଇଥିଲେ । ବୈଠକ ଚାଲିଥିବା ସମୟରେ ତାଙ୍କୁ ଶୌଚ ଲାଗିବାରୁ ନିକଟସ୍ଥ ପୋଖରିକୁ ଶୌଚ ହେବା ପାଇଁ ଯାଇଥିଲେ । ଶୌଚ ସାରି ପୁଣି ବୈଠକରେ ଯୋଗ ଦେଇଥିଲେ ବିଦ୍ୟାଧର । ହଠାତ୍ ବାନ୍ତି କରିବା ସହ ଅଚେତ ହୋଇପଡିଥିଲେ ବିଦ୍ୟାଧର । ଉପସ୍ଥିତ ଥିବା ଡ୍ରାଇଭର ମହାସଂଘର ସଦସ୍ୟମାନେ ବିଦ୍ୟାଧରର ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକ ଘଟଣାସ୍ଥଳରେ ପହଁଚି ବିଦ୍ୟାଧରକୁ ନେଇ ଝୁମ୍ପୁରା ଡାକ୍ତରଖାନାରେ ଭର୍ତି କରିଥିଲେ । ଡାକ୍ତର ସେଠାରେ ବିଦ୍ୟାଧର କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ୍ ଝୁମ୍ପୁରା ଡାକ୍ତରଖାନରେ ପହଁଚିଥିଲେ ।

ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ରକ୍ତଦାନ ଶିବିର ଆୟୋଜିତ

ବାରିପଦା,(ପି.ଏନ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲଶ । ଅଧକ୍ଷ ପ୍ରଦୀପ କୁମା ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ ମାନ୍ୟବର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ମାନ୍ୟବର ବିଧାୟକ ପ୍ରକାଶ ସରେନ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଅଧାପକ ଓ ଅଧାପିକାମାନେ ରକ୍ତଦାନ ଶିବିରରେ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମୀରା ସେନାପତି ଓ ବିଜୟା ନାୟକ ରକ୍ତଦାନ ଶିବିର ପରିଚାଳନା କରିଥିଲେ । ଉପାଧକ୍ଷା ସଂଘମିତ୍ରା ରାଉତ, ସାଗରୀକା ପଣ୍ଡା, ସବିତାରାଣୀ ଦାଶ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ତୃପ୍ତି ଦାସ, ବାଗାଇ ସରେନ, ଅଧାପକ ମଦନ ମୋନହ ସାହୁ, ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ ଓ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରନ ଦାସ ସ୍ୱେଚ୍ଛାସେବୀମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ ।

ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ଖୋର୍ଦ୍ଧା,(ପିଏନ): ଜାତୀୟଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀମାନଙ୍କୁ ଜିବିକା ପାଇଁ ଓଡିଶା ସରକାର ୧ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟସ୍ତରରେ ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭ କରି ହିତାଧିକାରୀଙ୍କୁ ୧ ହଜରା ଟଙ୍କା ଲେଖାଁଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । କୋଭିଡ ସମୟରେ ଗରିବ ଲୋକଙ୍କ ଆର୍ଥିକ ଅସୁବିଧା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ସହାୟତା ଦେଇଛନ୍ତି । ଏହି ଉପଲକ୍ଷେ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ଓସନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ପୌରାଚଂଳର ଖାଦ୍ୟ ସୁରକ୍ଷା ଯୋଜନା ଅର୍ନ୍ତଭୁକ୍ତ ୧୦ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଲେଖାଁଏ କୋଭିଡ ସହାୟତା ପ୍ରଦାନ କରିଛନ୍ତି । ଖୋର୍ଦ୍ଧା ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅର୍ନ୍ତଭୁକ୍ତ ୩,୯୩୫୨୬ଜଣ ହିତାଧିକାରୀଙ୍କୁ ସହାୟତା ବାବଦ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଙ୍କ ସୂତ୍ରରୁ ଜଣାପଡିଛି । ଏହି ସହାୟତା ଅର୍ଥ ୭ ଦିନ ମଧ୍ୟରେ ଜିଲାର ସମସ୍ତ ବ୍ଲକ, ପୌର ପରିଷଦ, ଏନଏସିର ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ଜିଲାର ୫୬୦ଟି ରିଟେଲ କେନ୍ଦ୍ରରେ ହିତାଧିକାରୀମାନଙ୍କୁ ସହାୟତା ଅର୍ଥ ପ୍ରଦାନ କରାଯିବ । ଆଜି ଓସାନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଜିଲା ଯୋଗାଣ ଅଧିକାରୀ ସୁଗୁଦା ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ ।

ସତ୍ୟ ନାରାୟଣ ବିଦ୍ୟାପୀଠରେ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଢେଙ୍କିକୋଟ, (ପି.ଏନ): ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ସଭାଗୃହ ଠାରେ ଆଜି ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମଧୁସ୍ମିତା ଚକ୍ର ଓ ତୃପ୍ତିମରୀ ନାୟକ, ଲିପିକା ସିଂ, ବିଜୟ କୁମାର ନନ୍ଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ଆଗନ୍ତୁକ ସଂଜୀବ ସାହୁ, କବିତା ଦାସ,ଜୟନ୍ତୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ବିଦାୟୀ ଶିକ୍ଷୟତ୍ରୀ ମଧୁସ୍ମିତା ଚକ୍ର ଦୀର୍ଘ ୧୫ବର୍ଷ ଓ ତୃପ୍ତୀ ମରୀ ନାୟକ ୧୧ ବର୍ଷ ଏହି ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଥିଲେ । ତେବେ ଆଜିର ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ଏସ୍.ଏମ୍.ଡି.ସି.ର ଡି.ସି.ପି. କୁଳମଣି ମଣ୍ଡଳ, ଅନାଦି ସିଂ, ରବିନ୍ଦ୍ର ସାହୁ, ଏସ୍.କେ. ତାହିର, ପ୍ରଶାନ୍ତ ଷଡଙ୍ଗୀ, ମୋ ସ୍କୁଲ ଅଭିଯାନର ସଭାପତି ସଂଜୟ କୁମାର ସାହୁ ପ୍ରମୁଖ ନିମନ୍ତିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଫକୀର ଚରଣ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମଂଚ ପରିଚାଳନା କରିଥିଲେ ଶିକ୍ଷକ ଭୀମସେନ୍ ମହାନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷୟତ୍ରୀ ଦିପ୍ତୀଶୋଭା ବେହେରା । ଅନ୍ୟ ଶିକ୍ଷକ ମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାହୁ, ଚନ୍ଦ୍ରଶେଖର ମଲ୍ଲିକ, କମଳାକାନ୍ତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ମା'ତାରିଣୀଙ୍କ ପାଖରେ ଧୂପ ଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରେ ପରେ ଛାତ୍ରଛାତ୍ରୀ, ନିମନ୍ତିତ ଅତିଥି,ଶିକ୍ଷକ ଶିକ୍ଷୟତ୍ରୀମାନେ ବିଦାୟୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ସ୍ମୃତିଚାରଣ ଓ ସେମାନଙ୍କ ବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ବିଦାୟୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ବିଦାୟ ବେଳେ ଏକ ଭାବାତ୍ମକ ଓ ଦୁଖାତ୍ମକ ପରିବେଶ ସୃଷ୍ଟି ହୋଇଥିଲା।

ଉପ-ଜିଲ୍ଲାପାଳଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ଦାବି, ସଙ୍ଗରୋଧ କେନ୍ଦ୍ର ପାଇଁ ରୋଷେୟା ପ୍ରାପ୍ତ ଦିଅ

ଆନନ୍ଦପୁର,(ପି.ଏନ):ଘଷିପୁରା ବ୍ଲକ ଭଣ୍ଡାରିଡିହା ପଂଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଦାବି ନେଇ ଏକ ଦାବିପତ୍ର ସୋମବାର ଦିନ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । କରୋନା ମହାମାରୀ ସମୟରେ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ପ୍ରବାସୀ ନିମନ୍ତେ ସରକାରୀ ସ୍ତରରେ ପ୍ରସ୍ତୁତ ହୋଇଥିବା ରନ୍ଧା ଖାଦ୍ୟ ପାଇଁ ରୋଷେଇରେ ସାହାଯ୍ୟ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସେମାନଙ୍କ ପ୍ରାପ୍ୟ ପାଇନଥିବା ଅଭିଯୋଗ କରିଛନ୍ତି । ଏଥିସହ ପଂଚାୟତ ମୁଖ୍ୟ କାର୍ଯ୍ୟାଳୟରେ ହେବାକୁ ଥିବା ମିଶନ ଶକ୍ତି ଗୃହର କାର୍ଯ୍ୟ କରିବା ପାଇଁ ମୁଖ୍ୟ ଦାବି ଉପସ୍ଥାପନ କରାଯାଇଥିଲା ।

ଜାରକା ପଂଚାୟତରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଂଚାୟତ ଉତରଶାସନ ନିକଟ ଅମରେଶ୍ୱରୀ ମନ୍ଦିର ପରିସରରେ ଆଜି ବିଜୁ ସ୍ମାର୍ଟ କାର୍ଡ ବଂଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରିଥିଲେ । ଏଥିସହ ପଂଚାୟତରେ ଏକ କଲ୍ୟାଣ ମଣ୍ଡପ, ଅଙ୍ଗନୱାଡି କେନ୍ଦ୍ରର ଭିତି ପ୍ରସ୍ତର ସ୍ଥାପନ କରିବା ସହ ନୂତନ ମିଶନ ଶକ୍ତି ଗୃହକୁ ଉଦଘାଟନ କରିଥିଲେ । ଅତିରିକ୍ତ ବିଡିଓ ଅସିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତାରୟ, ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ସରପଂଚ ବିଭୂତି ପାଣିଗ୍ରାହୀ, ସମିତିସଭ୍ୟ ସୁଦାମ ଚରଣ ବେହେରା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଜିଲ୍ଲା ମହିଳା ବିଜେଡି ଉପସଭାପତି ମିନତୀ ପଣ୍ଡା, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଯୁବନେତା ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଅଭୟପୁର ପଂଚାୟତର ବିଧାୟକ ଶ୍ରୀ ବଳବନ୍ତରାୟ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ପ୍ରଦାନ କରିଥିଲେ ।

ସଙ୍କୁଚିତ ରାସ୍ତା ଘଟାଉଛି ଦୁର୍ଘଟଣା, ସର୍ଭିସ୍ ରୋଡ୍ ନିର୍ମାଣକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ଦାବି

ଯୋଡା,(ପି.ଏନ):କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ଅଂଚଳରେ ନିର୍ମାଣଧିନ ଫ୍ଲାଏଓଭର କାର୍ଯ୍ୟକୁ ନେଇ ରାସ୍ତା ସଂକୁଚିତ ହୋଇ ଯିବାରୁ ଦୈନଦିନ ଦୁର୍ଘଟଣା ସହ ଘଣ୍ଟା ଘଣ୍ଟା ରାସ୍ତା ଜାମ୍ ରହୁଥିବା ଘଟଣା କାହାକୁ ଅଛପା ନାହିଁ । ରାଜପଥ ହେଉ କି ଫ୍ଲାଏଓଭର କୌଣସି ନିର୍ମାଣ କାର୍ଯ୍ୟ ସମୟରେ ଜନସାଧାରଣଙ୍କ ନିମନ୍ତେ ସର୍ଭିସ୍ ରୋଡ ତିଆରି ଏକ ସାଧାରଣ ପ୍ରକ୍ରିୟା ହୋଇଥିବା ବେଳେ ଯୋଡା ଠାରେ ସେଥିରୁ ବ୍ୟତିକ୍ରମ ଦେଖାଦେଇଛି । ଫ୍ଲାଏଓଭର ନିର୍ମାଣ ନିମନ୍ତେ ପିଲର ଗୁଡିକ ଖୋଳା ଯାଉଥିବାରୁ ମଖ୍ୟରାସ୍ତା ଅତ୍ୟନ୍ତ ସଂକୁଚିତ ହୋଇ ପଡିଛି । ଖଣିଜ ପରିବହନରେ ନିୟୋଜିତ ଭାରୀଯାନ ଗୁଡିକ ଦ୍ରୁତଗାମୀ ବେପରୁଆ ଭାବରେ ପ୍ରତିଯୋଗିତା ମୂଳକ ଭାବେ ରାସ୍ତାରେ ଯାଉଥିବାରୁ ଦୁର୍ଘଟଣା ଘଟି ଚାଲିଛି ।ସେଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯୋଡା ସିନେମା ହଲ୍ ନିକଟ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏସ୍‌ଟି ଟେରେସା ଇଂରାଜୀ ବିଦ୍ୟାଳୟର ପାଚେରୀକୁ ଏକ ଦ୍ରୁତଗାମୀ ହାଇୱା ଧକ୍କା ଦେଇ ଦୁର୍ଘଟଣା ଘଟାଇ ସେହିଠାରେ ଫସି ରହିବା ଘଟଣା । ସୋମବାର ରାତି ସମୟରେ ନୋ-ଏଣ୍ଟ୍ରି ଖୋଲିଯିବା ପରେ ତୀବ୍ର ବେଗରେ ଯାଉଥିବା ଭାରୀଯାନ ଗୁଡିକ ମଧ୍ୟରୁ ଓଡି୦୯କ୍ୟୁ-୮୯୭୮ ନମ୍ବର ଭାରୀଯାନଟି ଏସ୍‌ଟି ଟେରେସା ସ୍କୁଲ ପାଚେରୀକୁ ଧକ୍କା ଦେଇଥିଲା । ଦୁର୍ଘଟଣାଟି ରାତି ସମୟରେ ଘଟିଥିବାରୁ ଛାତ୍ରଛାତ୍ରୀମାନେ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଜନସାଧାରଣ ପକ୍ଷରୁ ସର୍ଭିସ ରୋଡ ନିର୍ମାଣକୁ ନେଇ ଦାବି ଜୋର ଧରିଥିବା ବେଳେ ଏଥିପ୍ରତି ଠିକାଦାରୀ ସଂସ୍ଥା ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ନିଶାସକ୍ତ ଅନଭିଜ୍ଞ ଚାଳକ ମାନଙ୍କ ଉପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଧନଜୀବନ ରକ୍ଷା ପାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray